# ମହାମାରୀର ଆର ପାରିରେ...



## ମହାମାରୀର ଆର ପାରିରେ...

Original Free Copy

Original Free Copy

**© Copyright, 2020, Surya Kanta Sahoo**

ସମସ୍ତ ଅଧିକାର ସଂରକ୍ଷିତ। ଲେଖକଙ୍କର ପୂର୍ବ ଲିଖିତ ସମ୍ମତି ବିନା ଏହି ପୁସ୍ତକର କୌଣସି ଅଂଶ କୌଣସି ପ୍ରକାରରେ ପୁନଃ ପ୍ରକାଶିତ, ପୁନରୁଦ୍ଧାର ବ୍ୟବସ୍ଥାରେ ଗଚ୍ଛିତ କିମ୍ବା ପ୍ରସାରିତ ହୋଇପାରିବ ନାହିଁ ।

ଏହି ପୁସ୍ତକରେ ଥିବା ମତାମତ ବା ବିଷୟବସ୍ତୁ ଲେଖକଙ୍କର ନିଜର ଏବଂ ଏଥିରେ ପ୍ରକାଶକ କିମ୍ବା ସମ୍ପାଦକଗଣଙ୍କର ନିଜର କୌଣସି ମତାମତ କିମ୍ବା ଭାବନା କିମ୍ବା ପ୍ରତିନିଧିତ୍ୱ ନାହିଁ।

# ମହାମାରୀର ଆର ପାରିରେ...

Original Free Copy

## ସୂର୍ଯ୍ୟ କାନ୍ତ ସାହୁ

**ପ୍ରତ୍ୟାଖ୍ୟାନ:**

ଏହା ଏକ କାଳ୍ପନିକ ରଚନା । ଅନ୍ୟଥା ସୂଚିତ ନହେବା ପର୍ଯ୍ୟନ୍ତ, ଏହି ପୁସ୍ତକର ସମସ୍ତ ନାମ, ଚରିତ୍ର, ବ୍ୟବସାୟ, ସ୍ଥାନ, ଏବଂ ଘଟଣାଗୁଡ଼ିକ ଲେଖକଙ୍କ କଳ୍ପନାର ଫଳ କିମ୍ବା କାଳ୍ପନିକ ଢଙ୍ଗରେ ପ୍ରକାଶିତ । ତଥାପି ଯଦି କୌଣସି ଜୀବିତ କିମ୍ବା ମୃତ ବ୍ୟକ୍ତି ବିଶେଷ କିମ୍ବା କୌଣସି ଘଟଣା ସହିତ ଏହାର ସାଦୃଶ୍ୟତା ପରିଲକ୍ଷିତ ହୁଏ, ତାହା କେବଳ ଅପ୍ରତ୍ୟାଶିତ ବା ସଂଯୋଗ ମାତ୍ର ଅଟେ ।

Original Free Copy

# ସୂଚୀ ପତ୍ର


| କ୍ର. ନ. | ପୃଷ୍ଠା |
| --- | --- |
| **ଉପକ୍ରମଣିକା** | |
| **ପୁସ୍ତକ ବିଷୟରେ** | |
| **ସ୍ୱୀକୃତି** | |
| ବିଷୟ ବସ୍ତୁ | 1 - 34 |


Original Free Copy

## ଉପକ୍ରମଣିକା:

ମୁଁ ସମସ୍ତ ପାଠକମାନଙ୍କୁ ଧନ୍ୟବାଦ ଦେଉଛି ଯେଉଁମାନେ ଏହି ପୁସ୍ତକ ପାଇଁ ଆଗ୍ରହ ଦେଖାଇଛନ୍ତି । ଯେତେବେଳେ ମଣିଷ ନିଜକୁ କର୍ତ୍ତାଭାବି ପ୍ରକୃତିକୁ ନିୟନ୍ତ୍ରଣ କରିବାକୁ ଚାହେଁ, ସମୟ ସମୟରେ ପ୍ରକୃତି ତାର କରାଳ ରୂପ ଦେଖାଏ । ବର୍ତ୍ତମାନ ମାନବ ସମାଜ ଉପରେ ଯେଉଁ ମହାମାରୀର ପ୍ରକୋପ ଦେଖା ଦେଇଛି ସେଥିରେ ମଣିଷର ହିଁ ହାତ ଅଛି । ଏଥିପାଇଁ ପ୍ରକୃତି ଦାୟୀ ନୁହେଁ । ଭୁଲ କଲେ ଭୋଗିବାକୁ ପଡେ । ଭଗବାନଙ୍କ ସୃଷ୍ଟିରେ କର୍ମ ଅନୁସାରେ ଫଳ ମିଳେ । ନିର୍ଦ୍ଦୋଷ କେବେ ଦଣ୍ଡ ପାଏନି। ଆମେ ଯାହାକୁ ନିର୍ଦ୍ଦୋଷ ଭାବୁଛେ ତାର ଲୁକାୟିତ ଅବଲୁକାୟିତ କର୍ମ ଫଳ ତାକୁ ଦୋଷୀର ଦଣ୍ଡ ଭୋଗିବାକୁ ଦିଏ। ଏ ମହାମାରୀକୁ ଏ ଦୃଷ୍ଟିରେ ଦେଖିଲେ ଆମକୁ ବ୍ୟସ୍ତ ହେବାର କି ସେଥିରେ ନିରାଶ ହେବାର କୌଣସି ଆବଶ୍ୟକତା ନାହିଁ । ନିଜର ଭାବନାକୁ କେମିତି ନିୟନ୍ତ୍ରଣରେ ରଖିବା, ଭୁଲର ପରିଣାମ ଏ ମହାମାରୀକୁ କେମିତି ନିଷ୍କ୍ରିୟ କରିବା ସେଇଟା ଆମର ଲକ୍ଷ୍ୟ । ସରକାରୀ, ବେସରକାରୀ, ସ୍ୱୟଂ ସେବକ ବା ସେବା ସଂସ୍ଥାର କର୍ମଚାରୀ, ଆରକ୍ଷୀ ବା ପ୍ରତିରକ୍ଷା କର୍ମଚାରୀ, ଡାକ୍ତର ବା ପାରାମେଡିକାଲ କର୍ମଚାରୀ ଦିନ ରାତି ଏକ କରି ଏ ଲକ୍ଷ୍ୟ ପଥରେ ଆଗେଇ ଚାଲିଛନ୍ତି । ଆମେ ବି ଆମ ଦ୍ୱାରା ଯାହା ସମ୍ଭବ ତାଙ୍କୁ ସହଯୋଗ କରିବା । ଆତ୍ମୀୟ ସ୍ୱଜନର ସଙ୍ଗ ଜାଣିଥିଲେ ବି ଏବେ ଆମକୁ ସଂଯମତା ରଖିବାକୁ ପଡିବ, ଲକ୍ଷ୍ୟ ହାସଲ କରିବାକୁ ପଡିବ ।

Original Free Copy

# ପୁସ୍ତକ ବିଷୟରେ

ମଣିଷ ସାମାଜିକ ପ୍ରାଣୀ । ସମାଜ ବା ପରିବାର ବିନା ମଣିଷ ବଞ୍ଚିବା ଏକ ପ୍ରକାର କାଠିକର ପାଠ । ଏ ମଣିଷ ସବୁ ଜାଣେ । ସଂସାର ମୋହ ମାୟା ସବୁ ଜାଣେ । କିନ୍ତୁ ସମ୍ପର୍କର ବନ୍ଧନରୁ କେବେ ନିଜକୁ କାଢ଼ିପାରେନି । ବାପା, ମା, ଭାଇ ଭଉଣୀ ଆଦି ସମ୍ପର୍କ ଯେମିତି ଚିର ଦିନ ପାଇଁ ଏମିତି ଭାବନାରେ ମଣିଷ ବଞ୍ଚେ । କାଗଜରେ ଚୁକ୍ତି ବା ଘରେ ଘରେ ଇଟା ସିମେଣ୍ଟରେ କାନ୍ଥ ବାଡ, ସମ୍ପର୍କରେ ଦୃଶ୍ୟମାନ ଭାଗ କରିଦିଏ କିନ୍ତୁ ମନରେ କୋଉଠି ନା କୋଉଠି ସେ ସମ୍ପର୍କ ସେମିତି ଥାଏ । ଆଉ ମୃତ୍ୟୁ ପରେ ବି ସେମିତି ଥାଏ କି ନଥାଏ, କିଏ ଜାଣିବ । ବିପଦ ଆପଦ ହେଉ ବା ଉତ୍ସବ, ସମ୍ପର୍କୀୟ ମାନଙ୍କ ଉପସ୍ଥିତି ମଣିଷକୁ ସାମାଜିକତାର ପ୍ରମାଣ ପତ୍ର ଦିଏ । ଯେକୌଣସି ମହାମାରୀର ବା ମହା ବିପତ୍ତି ସମୟରେ ମଣିଷ ନିଜ ସମ୍ପର୍କୀୟ ମାନଙ୍କ ପାଖରେ ବାତ୍ସଲ୍ୟ ଭାବ ପ୍ରକାଶ ନ କରି ରହି ପାରେନି । ସେ ବାତ୍ସଲ୍ୟ ଯଦି ବାପା ଓ ମା'ଙ୍କର ସନ୍ତାନ ପ୍ରତି କେମିତି ଥାଏ, ପ୍ରଶ୍ନ କରାଯାଏ ତାହାର ଉତ୍ତର ଅବର୍ଣ୍ଣନୀୟ ।

କରୋନା ମହାମାରୀ ସମୟରେ ସାରା ବିଶ୍ୱରେ ମୃତ୍ୟୁର ତାଣ୍ଡବ ଲୀଳା କେମିତି ମଣିଷ ସମାଜକୁ ଭୟଭୀତ କରିଛି ଆଉ ସେଇ ଭିତରେ ମଣିଷ କେବଳ ନିଜର ଆତ୍ମୀୟ ସ୍ୱଜନଙ୍କ ପାଖରେ ରହିବାକୁ ବା ବଞ୍ଚିବାକୁ ପ୍ରୟାସ କରିଚାଲୁଛି ତାର ଏକ କାଳ୍ପନିକ ଛବିଟିଏ କ୍ଷୁଦ୍ର ଏକାଙ୍କିକା ମାଧ୍ୟମରେ ଏ ପୁସ୍ତକରେ ଲିପିବଦ୍ଧ ।

# ସ୍ୱୀକୃତି:

ମୁଁ ଦୁଃଖିତ ଯେ ଏ ମହାମାରୀ ସମୟରେ କୌଣସି ପ୍ରକାରେ କାହାର ସେବା କରିପାରିଲିନି, ଏ ଅବଶୋଷ ସବୁବେଳେ ରହିବ । କିଛି ବାସ୍ତବ କଥା ଶୁଣି ବୋଧେ କଳ୍ପନାରେ କିଛି ଚିତ୍ରକୁ ଲେଖିବାର ଇଛା ହେଲା, ତେଣୁ ଏ ଛୋଟ ଏକାଙ୍କିକାଟି ଲେଖି ହେଲା । ମୋର ଭାଷା ଜ୍ଞାନ ଏତେଟା ନାହିଁ କି ପାରମ୍ପରିକ ଏକାଙ୍କିକା ଲେଖିବାର ଶୈଳୀ ଜଣା ନାହିଁ । ସେଥିପାଇଁ ମୁଁ କ୍ଷମା ପ୍ରାର୍ଥନା କରୁଛି କିନ୍ତୁ ଭାଷାଗତ ତ୍ରୁଟି ସୁଧାରିବାକୁ ସବୁବେଳେ ଚେଷ୍ଟା କରିବା ମୋର କାମ । ମନକୁ ଯାହା ଛବି ଦେଖାଗଲା ତାକୁ ଲିପିବଦ୍ଧ କରିବା ଦିଗରେ ଧାନ ଦେଇଛି, ସେଇଟା ପୁଣି ଅଳ୍ପ ଭାଷା ଜ୍ଞାନରେ କେବଳ ଭଗବାନଙ୍କ ଆଶୀର୍ବାଦ, ମୋର ସମସ୍ତ ଶିକ୍ଷକଙ୍କ ଶିକ୍ଷା ଏବଂ ମୋର ବନ୍ଧୁ ବା ସମ୍ପର୍କୀୟଙ୍କ ଶୁଭେଚ୍ଛା ଯୋଗୁ ମୁଁ ଏ ଛୋଟ ପୁସ୍ତକ ପୁରା କରିବାରେ ସଫଳ ହୋଇଛି । ତଥାପି ମୁଁ ଆପଣ ମାନଙ୍କର ସମର୍ଥନ, ମତାମତ ଏବଂ ପରାମର୍ଶ ଆବଶ୍ୟକ କରେ । ଏହି ପୁସ୍ତକ ସମସ୍ତ ବିଶେଷଜ୍ଞ, ଶିକ୍ଷକ, ଶିକ୍ଷାର୍ଥୀ ଏବଂ ମୋର ପ୍ରିୟ ପାଠକମାନଙ୍କ ପାଇଁ ଉତ୍ସର୍ଗୀକୃତ । ଏହା କେବଳ ଆପଣଙ୍କ ପାଇଁ ।

ଧନ୍ୟବାଦ

ସୂର୍ଯ୍ୟ କାନ୍ତ ସାହୁ

# ମହାମାରୀର ଆର ପାରିରେ...

## ଦୃଶ୍ୟ ୧ : କେଉଁଝର ଗମ୍ଭାରିଆ ଗାଁ । ବାବୁଲା ଘରେ ବାବୁଲା ବୋଉ ଆଉ ବାବୁଲା ବାପା କଥା ହେବା

ବାବୁଲା ବୋଉ : ଦୁନିଆସାରା ଏ କି ରୋଗ ମାଡି ଆସିଲା ! ପିଲାଟାକୁ ଯେତେ ମନାକଲି ବାହାରକୁ ଯାଆନି, ଏଇଠି କାମ କର, ମୋ କଥା ଶୁଣିଲାନି । ତୁମେ ଟିକେ ବୀଣାକୁ ପଚାରିଲ । ବାବୁଲା କଣ ଫୋନ ଫାନ କରିଥିଲା ନା ନାହିଁ, ଏତେ ବଡ ରୋଗରେ କଣ ସେଠି କରୁଛି? ଘରକୁ ଆସୁ ଭେରି ।

ବାବୁଲା ବାପା : ହଁ, ମୁଁ କଥା ହେଇଚି । ବୀଣା ଫୋନରେ ମୁଁ କଥା ହେଇଚି । ସେ ସୁରତରୁ ବାହାରିବ । ଆମ ସରକାର ସବୁ ବ୍ୟବସ୍ଥା କରୁଛନ୍ତି । ଏ କି କରୋନା ରୋଗ, ମୋ ବାପା ଜେଜେ ଅମଳରୁ ମୁଁ ଜାଣି ନଥିଲି। ପିଲାଟା ଠାକୁରଙ୍କ ଦୟାରୁ ଭଲରେ ଘରକୁ ଫେରିଆସିଲେ ଶରୀରରେ ପ୍ରାଣ ପଶିବ। ପରିସ୍ଥିତି ବଡ ଭୟା ଭୟ ହେବା ଶୁଣା ଯାଉଛି, ହେ ପ୍ରଭୁ ତୁମେ ହିଁ ରକ୍ଷା କରିବ... ।

ବାବୁଲା ବୋଉ : ହେ ମା କେମିତି ପିଲାଟା ଭଲରେ ଘରକୁ ଫେରି ଆସୁ...। ଗାଡି ଘୋଡା କଥା, ମୋ ମନ ଭାରି ବ୍ୟସ୍ତ ଲାଗୁଚି ।

ବାବୁଲା ବାପା : ହଉ ତୁମେ ଆଉ ପାଟି କରନି । ସେ ଆସିବ, ମୁଁ ତା ବାପା ବଞ୍ଚିଚି, ମୁଁ ଥିଲା ପର୍ଯ୍ୟନ୍ତ ଠାକୁରଙ୍କୁ କହୁଛି ଯେ ସେ ମୋତେ ନେଇଯାନ୍ତୁ ପଛେ ମୋ ପୁଅ ଭଲରେ ରହୁ ।

ବାବୁଲା ବୋଉ : କି ଲୋକ ହେ ତୁମେ ! ମୋର ଖାଲି ପାଟି ଶୁଣାଯାଉଛି ! ନିଜେ ଏମିତି କଥା ଗୁଡା କାହିଁ କହି ହଉଛ? ମା’ ବସିଛି ଗାଁ ମୁଣ୍ଡରେ, ସେ ସବୁ ବୁଝୁଚି... ମୋ ପୁଅ ଭଲରେ ଫେରି ଆସିବ ।

Original Free Copy

**ଦୃଶ୍ୟ ୨ : ବାବୁଲା ଆଉ ତା ସାଙ୍ଗ ଜୁଲୁ ସୁରତର ଗୋଟେ କାରଖାନା ହଷ୍ଟେଲ ରୁମରେ**

ବାବୁଲା : କଣ ଯେ ପରିସ୍ଥିତି ହେବ କିଛି ଜଣା ପଡୁନି । ଏଠି ମାସେ ହେଲାଣି କାମ ବନ୍ଦ । ଖାଲି ବସିଚେ । ଖାଇବାକୁ ପଇସା ସରି ଆସିଲାଣି । ମାଲିକ ବି କେତେ ବସେଇ ଖାଇବାକୁ ଦେବ ! କାରବାର ନାହିଁ, କିଏ କୋଉଠୁ ଆଣିବ? ହଁ, ଶୁଣା ଯାଉଛି ସରକାର କଣ ବ୍ୟବସ୍ଥା କରୁଛନ୍ତି...। ସେଇଟା ହେଲେ ଆମେ ଘରକୁ ଫେରିଯାଇପାରିବା ।

ଜୁଲୁ : ହଁ ଯଦି ସେ ବ୍ୟବସ୍ଥା ହେଇଯାଏ ଭଲ ହେବ ।

ବାବୁଲା : ବୁଝିଲୁ ସାଙ୍ଗ ଘର କଥା ଖାଲି ଆଖି ଆଗରେ ନାଚି ଯାଉଛି । ଫୋନରେ ବାପା ସାଙ୍ଗରେ କଥା ହେଲେ ଅସହାୟ ହେଲା ପରି ଲାଗୁଛି । ଆମେ ଏଠି ଦୂରରେ । ଫୋନଟି ଆସିଲେ କେମିତି ଘରକୁ ଆଖି ପିଛୁଳାକେ ପଳାନ୍ତିକି ସେମିତି ଲାଗୁଛି । ମନରେ ଡର ବି ଲାଗୁଛି । କେମିତି କଣ ହଉ ପଛେ ଘରକୁ ଫେରିଯିବା ।

ଜୁଲୁ : ହଁ, ମୋର ବି ବୋଉ କଥା ମନ ପଡୁଛି। ମାସେ ହେଲାଣି କଣ ସୁବିଧା ଅସୁବିଧା... । ସିଏ ବା ତାର କଷ୍ଟ ନା ଭାଇକି କହେ ନା ମୋତେ କହେ । ଭାଇ ଖାଲି ଉପରେ ପଡିକି କଥା ହେଇକି ବୋଉର ଔଷଦ ପତ୍ର କଥା ବୁଝୁଚି । ନହେଲେ ମୁଁ ବହୁତ ଟେନ୍ସନରେ ଥାନ୍ତି । କାଲି ମୁଁ ଫୋନରେ କଥା ହେଇଥିଲି...।

ବାବୁଲା : ହଁ, ବୋଉ ସମସ୍ତଙ୍କର ସେମିତି । କିନ୍ତୁ ଜୁଲୁ ମୋ ଘରେ ମୁଁ ଗୋଟେ ପୁଅ । ବାପା ବୋଉ ବୁଢା ବୁଢ଼ୀ ହେଲେଣି । ବାପା, ବୋଉ, ଘର ପରିବେଶ ଭାରି ମନେ ପଡୁଛି । ଶୁଣିଲୁ ସାଙ୍ଗ, ବୋଉ ସିନା ସବୁବେଳେ ଗାଳି କରୁଥାଏ କିନ୍ତୁ ତାର ମୋ ପ୍ରତି ସ୍ନେହ ମୁଁ ଜାଣିଚି । ଆଉ ବାପା ତ ମୋ ପାଇଁ ନିଜେ ଖାଇବା ଛାଡି ଦିଅନ୍ତି । କିଛି ଗୋଟେ ଭଲ ଜିନିଷ ଆଣିଲେ ମୋ ପାଇଁ ଲୁଚେଇକି ଆଗ ରଖିଦିଅନ୍ତି । ମୋର ଏବେ ବି ସେ ଦୃଶ୍ୟ ମନେ ପଡିଯାଉଛି ।

**ଦୃଶ୍ୟ ୩ : ବାବୁଲା ତାର ଘର କଥା ମନେ ପକାଉଛି...। ଦିନେ ସକାଳ ବେଳ ବାବୁଲା ଘରେ**

ବାବୁଲା ବୋଉ : ବାବୁଲା ଆରେ ଉଠୁନୁ । ଏ ବାବୁଲା... ଆରେ ଉଠୁ । ଦିନ ଆସିକି ନଅଟା ବାଜିଲାଣି, ତୁ ମସିଣା ଛାଡୁନୁ । ହେ ପ୍ରଭୁ, କଣ ଏ ପିଲା...କେବେ ବୁଦ୍ଧି ଶୁଦ୍ଧି ଆସିବ ୟା ମୁଣ୍ଡରେ ? ହେ ମା ତାରିଣୀ, ତୁ ସମ୍ଭାଳିବୁ ଲୋ ମା' ଏ ପିଲାକୁ । କେମିତି ଏ ମଣିଷ ହବ...?

ବାବୁଲା ବାପା : ଓହୋ କାହିଁ ସକାଳୁ ସକାଳୁ ପିଲାଟାକୁ ଗାଳି କରୁଛ...? କୋଉ ଆମର ବିଲ ବାଡ଼ି ଅଛି ଯେ କାମ କରିବାକୁ ଯିବ । ନା କୋଉ ବେପାର ବଣିଜରେ ମୋ ସାଙ୍ଗରେ ଯିବ । ଥାଉ ସେ ଶୋଉ । ସେ ତାର ଉଠିବ । ତୁମେ ତୁମ କାମ କର । ଘର ତିଆରି କାମ ଏବେ ସେତେ ହଉନି । ହଉ ଯାଉଛି, ଦେଖେ...କାଳିଆ ବାବୁ କଣ କାମକୁ ଆସିବାକୁ କହୁଥିଲେ । ହଉ ତାକୁ ଆଉ ପାଟି କରନି...। ପିଲାଟା ବଡ ହେଲାଣି, ନିଜେ ବୁଦ୍ଧି ଶୁଦ୍ଧି ଆସିଲେ ନିଜେ ନିଜର ଦାୟିତ୍ୱ ନେବା ଶିଖିଯିବନି..? ହଉ ହଉ ମୁଁ ଆସେ । କଣ ଯଦି ଆଜି ସଉଦା ଆଣିବାର ଅଛି କୁହ । ମୁଁ ଆସିଲା ବେଳକୁ ନେଇ ଆସିବି । ଆଉ ବାବୁଲା ପାଇଁ କଣ ଆଣିବିକି ?

ଆରେ ବାବୁଲା...ହେ ବାବୁଲା ...ଆରେ ଉଠୁନୁ... କଣ ଯାଉନୁ ଦାନ୍ତ ଘଷିକି କଣ ଜଳଖିଆ ଖାଇବୁ । ନେ ସକାଳୁ ଯାଇଥିଲି ସେ ରାମ ଦୋକାନରୁ ବରା ତରକାରୀ ନେଇକି ଆସିଛି ..ଯା' ଖାଇଦେ... ଉଠୁ ଯା' ଉଠୁ...।

ବାବୁଲା : ହଁ ଅଂ ଉଁ ...ଯାଉଛି ତୁମେ ରଖିକି ଯାଅ ।ମୁଁ ଉଠିକି ଖାଇଦେବି ।

ବାବୁଲା ବୋଉ: କଣ ବା ତୁମେ ବରା ତରକାରୀ ଅଣିଥିଲଟି ଖାଇବାକୁ ? କଣ ଖାଇଲନି !

ବାବୁଲା ବାପା : ଥାଉ ସେ ପିଲାଟା ଖାଉ । ଗରମ ବରା ଟାକୁ ଭାରି ଭଲ ଲାଗେ । ତୁମେ ସେ କଥା ଛାଡ । ମୁଁ ଯାଉଛି କାମରେ । ଯାହା ଗୋଟେ ଖାଇଦେବି । ହଁ, ସେ ବରା ତରକାରୀ ଟିକେ ଘୋଡେଇ ଦିଅ ସେ ଟୋକା ଉଠିଲେ ଖାଇବ । ମୁଁ ଯାଏ...।

ବାବୁଲା ବୋଉ: ବାବୁଲା.. ମୁଁ ଯାଉଛି ପୂଜା ସାରିକି ଆସେ । ତୁ ଉଠିଯା ।

## ଦୃଶ୍ୟ ୪ : ସୁରତରେ କାରଖାନା ହଷ୍ଟେଲ ରୁମରେ..ଭାବନାରୁ ବାହାରି ବାବୁଲା ଜୁଲୁକୁ କହୁଛି

ବାବୁଲା : ସେଦିନ ମୁଁ ଶୋଇକି ଶୁଣୁଥିଲି, ଆଉ ମନେ ମନେ କେମିତି ଗୋଟେ ଲାଗିଲା ନିଦ ଆଖିରୁ ଲୁହଟେ ଝରି ପଡିଲା । ବାପାଙ୍କ ଭଲ ପାଇବା..., ମୋ ମୁଣ୍ଡରେ ଗୋଟେ ବସା ବାନ୍ଧୁଥିଲା ଯେ ମୁଁ କଣ ଗୋଟେ କରିବି...। ହଁ, ଆଉ ଗୋଟେ କଥା, ମୋର ଆମ୍ବ ଭାରି ପ୍ରିୟ । ଶୁଣୁ, ଦିନେ ଏମିତି ହେଇଚି ଯେ ବାପା କାମରୁ ଆସିକି ଆଗ ମୋତେ ଡାକିଲେ ।

Original Free Copy

## ଦୃଶ୍ୟ ୫ : ବାବୁଲା ଘର ଦାଣ୍ଡରେ ... ବାବୁଲା ବାପା ବାବୁଲାକୁ କହୁଛନ୍ତି

ବାବୁଲା ବାପା : ( ଧୀର କଣ୍ଠରେ ) ଆରେ ବାବୁଲା...ନେ ...ନେ, ଏଠିକି ଆସେ ।ବଢିଆ ଆମ୍ବ, ଭାରି ସୁଆଦିଆ ସେ ହାଟବାଲା କହିଲା । ନେଲୁ, ଦିଟା ନେଇଯା, ଗାଁ ଆଡେ ଯାଇକି ଖାଇକି ଆସିବୁ । ତୋ ବୋଉ ଦେଖିଦେବ, ଯା ...ପୁଣି ଆସିଲେ ବୋଉକୁ ମାଗିକି ଆଉ ଦିଟା ଖାଇଦେବୁ । ଯା' ଶୀଘ୍ର ପଳା, ତୋ ବୋଉ ଦେଖିଲେ ପୁଣି ମୋତେ କହିବ । ଆରେ ଶୁଣୁ, ଶୀଘ୍ର ଘରକୁ ଆସିବୁ, ସାଥି ହେଇକି ଭାତ ଖାଇବା ।

## ଦୃଶ୍ୟ ୬ : ସୁରତରେ କାରଖାନା ହଷ୍ଟେଲ ରୁମରେ..., ଭାବନାରୁ ବାହାରି ବାବୁଲା ଜୁଲୁକୁ କହୁଛି

ବାବୁଲା : ସେଦିନ ବୋଉ ଝରକା ବାଟେ ଏସବୁ ଦେଖୁ ଥାଏ ମୁଁ କିନ୍ତୁ ଜାଣି ନଥିଲି । ରାତିରେ ବୋଉ ଆସିକି ପାଖରେ ବସିଲା ଆଉ କହିଲା... ।

## ଦୃଶ୍ୟ ୭ : ବାବୁଲା ଘର, ରାତିରେ ଶୋଇବା ବେଳକୁ ବାବୁଲା ବୋଉ ବାବୁଲାକୁ କହୁଛି

ବାବୁଲା ବୋଉ : ଆରେ ବାବୁଲା, ଦେଖୁଚୁ ତ ତୋ ବାପା କେମିତି ତୋ ପାଇଁ କେତେ କଣ କରୁଛି । ମୁଁ କଣ ଜାଣି ପାରୁନି? ବାପା ତୋର ସବୁ ଖାଇବା ଜିନିଷ ଘରକୁ ଆଣିବା ପୂର୍ବରୁ ଠାକୁରଙ୍କୁ ଭୋଗ ଦେଲା ପରି ତତେ ଆଗ ଦେବ ତାପରେ ଘରକୁ ଆଣିବ ।

ଆଜିବା ଆମ୍ବ ତୋତେ ଦେଲା ବେଳେ ମୁଁ ଝରକାବାଟେ ଦେଖୁଥିଲି । କେତେ ମହଙ୍ଗା ଆମ୍ବ । କେବଳ ତୁ ଭଲ ପାଉ ବୋଲି ତୋ ପାଇଁ ଆଣିଥିଲେ । ହଉ ବାପା ଦେଖ, ତୁ କଣ ଭାବୁଚୁ ମୁଁ ତୋତେ ଗାଳି କରୁଛି...ଶୁଣୁ ତୁ ଖୁସିରେ ରହିଲେ ଆମେ ଦିଜଣ ବହୁତ ଖୁସି । ହେଲେ ବାପା, ତୋ ବାପାର କଣ ବଳ ବୟସ ସବୁବେଳେ ଥିବ ? ତୋ କଥା ଆମେ ଦିଜଣ ଭାବୁଚୁ । ତୁ ଟିକେ ଘର କଥା ଚିନ୍ତା କର । ବାପାର କଣ ହେଲେ ଘର କେମିତି ଚଳିବ ...। ତୁ ବଡ ହେଲୁଣି, ସବୁ ଜାଣୁଛୁ । ଆମେ ଗରିବ ଗୁରୁବା ଲୋକ, ମୁଲ ଲାଗିଲେ ଚଳିବା । କଣ ଟିକେ ଚିନ୍ତା କରୁଥିବୁ । ମା' ଠାକୁରାଣୀ ତୋତେ ସହାୟ ହୁଅନ୍ତୁ । ହଉ ଗୋଡ ଦେଖା, ତେଲ ଟିକେ ଘଷି ଦିଏ ।

ବାବୁଲା : ବୋଉ ତୁ ପାଟି କରନା । ମୋ ବାପାର କିଛି ହେବନି କି ତୋର କିଛି ହେବନି । ତୁ ଗୋଡ଼ଟା ମାଲିସ କରିକି ଯା' ଶୋଇବୁ ଯା...କହିଲା କଣ ନା...ବାପାର କଣ ଯଦି ହେବ । କିଛି ହବନି, ତୁ ଜମା ଏତ୍ତୁ ସେତ୍ତୁ ଭାବେନା ।

**ଦୃଶ୍ୟ ୮ : ସୁରତରେ କାରଖାନା ହଷ୍ଟେଲ ରୁମରେ..ଭାବନାରୁ ବାହାରି ବାବୁଲା ଢୁଲୁକୁ କହୁଛି**

ବାବୁଲା : ସାଙ୍ଗ, ସେଦିନ ରାତିରେ କେମିତ କେମିତି ଲାଗିଲା । ବୋଉ ଶୋଇବାକୁ ଗଲାପରେ ମୁଁ ଆଉ ଶୋଇପାରିଲିନି । ପାଠ ସାଠ ତ ନାହିଁ । ବେପାର ଜଣା ନାହିଁ । ଏଠି କାମ ବି ଏତେ ମିଳୁନି । ଭାବିଲି ଆଉ ବାପାକୁ ଖଟେଇବିନି, ମୋତେ କିଛି ନା କିଛି କରିବାକୁ ପଡିବ । ତାପରଦିନ ମାମୁଁ ଘରକୁ ଯାଇକି ମାମୁଁ ପୁଅ ସାଙ୍ଗରେ କଥା ହେଲି ଆଉ ସେ କହିଲା ଯେ ସୁରତରେ ନରି ମାମୁଁର ଚିହ୍ନା ଲୋକ କିଏ ଅଛି, ଆଉ ତାପରେ ଆଉ କଣ ? ସେ ଲୋକ ଯୋଗୁଁ ସିଧା ସୁରତରେ ସେବେଠାରୁ ଏତେ ଦିନ ହେଲା...। ଆଉ ତୁମେ ସବୁ ଓଡ଼ିଆ ଭାଇ ଅଛ ବୋଲି ଏକୁଟିଆ ଲାଗୁନି. କିନ୍ତୁ ଏବେ ମାସେ କାମ ବନ୍ଦ ହେଲାଣି । ଘର କଥା ଖାଲି ମନେ ପଡୁଛି । ବୁଝିଲୁ ସାଙ୍ଗ ଆଉ ଯୋଉଦିନ ମୁଁ ସୁରତ ଆସିବାକୁ ଘରେ କହିଲି, ବାପା ଖାଇବା ବନ୍ଦ କରିଦେଲେ ।

Original Free Copy

**ଦୃଶ୍ୟ ୯: ବାବୁଲା ଘର, ବାବୁଲା ସୁରତ ଯିବା ପାଇଁ ଘର ଛାଡୁଥିବାବେଳେ ...**

ବାବୁଲା ବାପା : ହଇରେ ବାବୁଲା, ତୋତେ କଣ ଆମେ କହିଲୁ କି? ବୋଉ ତୋତେ କଣ କହିଲା କି ? ତୁ ମାମୁଁ ଘରକୁ ଯାଇ...ସେଠୁ କଣ ବୁଝା ବୁଝି କରି କଣ ଏମିତି ପାଟି ତୁଣ୍ଡ ହେଲା ଭଳିଆ ଘରୁ ବାହାରି ଯାଉଛୁ? ତୋର କଣ ଏଠି ଅସୁବିଧା ହେଲା? ତୋ ବାପା କଣ ମରିଗଲା ? ମୁଁ ଥିଲା ପର୍ଯ୍ୟନ୍ତ ତୋତେ କାମ କରିବା ଦରକାର ନାହିଁ । ତୋ ବାପା ବୁଢା ହେଲା ପର୍ଯ୍ୟନ୍ତ ତୋତେ ଚଳେଇପାରିବରେ...। ମୋ ପୁଅକୁ ମୁଁ ପୋଷିବି, ସେଥିରେ କାହାର କଣ ଗଲା? କିଏ ଯଦି ତୋତେ କଣ କହିଛି, ସେଥିରେ ମୁଣ୍ଡ ପୁରାନି । ତୋ ବୋଉ ଯଦି କିଛି କହିଛି ସେଇଟା କଥା ଧରନି... । ଶୁଣୁ ବାବୁଲା, ତୋ ପେଟକୁ ଦ୍ୱିମୁଠା ଦାନା ଦେଇପାରିବି ହେଲେ ତୋତେ ଦିନେ ନଦେଖିକି ରହି ପାରିବିନି । ଆଉ ପୁଣି ଭାବେ ଯଦି ମୋର କଣ ହେଲା, ତୋ ବୋଉ କଣ କରିବ ? ବାପରେ, ତୁ କୁଆଡେ ବାହାରକୁ ଯା'ନି ।

## ମହାମାରୀର ଆର ପାରିରେ...

ବାବୁଲା ବୋଉ : ଏ ବାବୁଲା, ତୋ ବାପା କଥା ଶୁଣୁ । ତୁ ବାହାରକୁ କୁଆଡେ ଯା'ନି... । ମୁଁ ତୋତେ ଆଉ ଗାଳି କରିବିନି । ତୁ ଆଜି ଠୁ ଦିନ ବାରଟାରେ ଉଠିଲେ ବି କିଛି କହିବିନି । ହେଲେ ତୁ ଆମ ଆଖିରୁ ଦୂର ଜାଗାକୁ ଯା'ନି । ଯଦି କାମ କରିବୁ ବୋଲି ମନ ବଳେଇଛୁ, ଏଇଠି କୋଉଠି ପାଖ ଜାଗାରେ ଦେଖେ । ତୋ ନରି ମାମୁଁକୁ ମନା କରିଦେ ।

ବାବୁଲା : ଓହୋ ତୁମେ ଦିଜଣ କଣ ସେମିତି ହଉଛ ? ମୋ କଥା ଆଗ ଶୁଣ...ମୁଁ ଜାଣିଚି, ତୁମ ଦିଜଣଙ୍କ କଥା । ଜୀବନ ସାରା କାମ ନକଲେ ବି ମୋତେ କୁଟା ଖଣ୍ଡେ ଦିଖଣ୍ଡ କରିବାକୁ ତୁମେ ଦେବନି । ପିଲାଦିନୁ ଭୁଲରେ ବି ଟିକେ ହେଲେ ବଡ ପାଟିରେ ବାପା ମୋତେ କିଛି କହି ନାହାନ୍ତି । ଆଉ ବୋଉ ତୁ ବି ମୋତେ କେବେ ଅଖିଆ ଦେଖି ପାରୁନି । ଦୁନିଆରେ ତୁମେ ଦିଜଣ ଯେତିକି ସ୍ନେହ ମମତା ଦେଇଛ ସେ ଋଣ କେତେ ଜନ୍ମ ନେଲେ ବି ସୁଝି ପାରିବିନି । ବାପା ମୋତେ କେହି କିଛି କହି ନାହାନ୍ତି କିନ୍ତୁ ମୁଁ ଏବେ ବୁଝି ପାରୁଛି ତୁମେ ଆଉ ବୋଉ ମୋ ପାଇଁ ସବୁକିଛି । ଆଗକୁ ମୋ ଜୀବନ ବି ଅଛି । ଏବେ ଠୁ ଯଦି ଭାବିବିନି...ତାହେଲେ କେବେ ଭାବିବି? ମୁଁ ତୁମ ଦିଜଣକ ଆଗରେ ବଡ ହେବାକୁ ଚାହୁଁନି କି ତୁମ ଆଗରେ ରୋଜଗାର କରିକି ତୁମ ଭଲପାଇବାକୁ ଏଡେଇଦେବାକୁ ଚାହୁଁନି। ହେଲେ ରୋଜଗାର କରି ଶିଖିବା ଜାଣିଲେ ମୋତେ ଟିକେ ଭଲ ଲାଗିବ । ମୋ ମୁଣ୍ଡରେ ଆଉ ଚିନ୍ତା ଆସିବନି । ସେଥିପାଇଁ ମୁଁ ସୁରତ ଯିବାକୁ ବାହାରିଛି । ବାପା ମୋ ଖୁସିରେ ଯଦି ତୁମେ ଖୁସି ତାହେଲେ ମୋତେ ଯିବାକୁ ଦିଅ । ଆଉ ମାତ୍ର ଦି ବର୍ଷରେ ଯାହା କିଛି ଶିଖି ଆଉ କମେଇକି ମୁଁ ପୁଣି ଘରକୁ ଫେରି ଆସିବି। ଆଉ ଛାଡିକି ଯିବିନି ।

ବାବୁଲା ବାପା: ହଉ ବାବୁଲା ତୋ ମନରେ କଣ ବୁଝିଛୁ, ହଉ ଯା... । ଟିକେ ରହ...ନେ ଏ ଘଡିରେ କେତେ ଟଙ୍କା ଅଛି ନେଇଯା । ଭଲରେ ରହିବୁ । ଆଉ ଦି' ବର୍ଷ ଭିତରେ ତୁ ଫେରି ଆସିବୁ ଯେମିତି, ନହେଲେ ତୋ ବାପା ବୋଉ ତୋତେ ନ ଦେଖି ରହି ପାରିବେନି ।

ବାବୁଲା : ବାପା ସେମିତି କୁହନି । ତୁମେ ଦିଜଣ ସେମିତି ଏଠି ଭଲରେ ରହିବ । ମୁଁ ବୁଢା ହେଲା ପର୍ଯ୍ୟନ୍ତ ତୁମେ ମୋତେ ପୋଷିବ ଆଉ ବୋଉ ମୋର ଗୋଡ ମାଲିଶ କରୁଥିବ...। ମୁଁ ତୁମ ଦିଜଣଙ୍କ ଯୋଗୁଁ ଆରାମରେ ସେମିତି ରହିବି । ଆଉ ବାପା ସେ ଘଡି ପଇସା ଥାଉ । ନରି ମାମୁଁ ସେ ବ୍ୟବସ୍ଥା କରିବ । ମାମୁଁଠାରୁ କିଛି ପଇସା ମୁଁ ନେଇକି ଯିବି । ସୁରତରୁ ଫେରିଲେ ତାଙ୍କୁ ଦେଇଦେବି । ହଁ, ତୁମ ଦିଜଣଙ୍କୁ କହିଦେଲି ଯେ କେହି ମନ ଦୁଃଖ କରିବନି । ବୀଣା ଅପାକୁ କହିକି ଯାଇଛି ତା ମୋବାଇଲରେ ମୋ ସାଙ୍ଗରେ କଥା ହେବ ।

## ଦୃଶ୍ୟ ୧୦ : ସୁରତରେ କାରଖାନା ହଷ୍ଟେଲ ରୁମରେ..ଭାବନାରୁ ବାହାରି ବାବୁଲା ଜୁଲୁକୁ କହୁଛି

ବାବୁଲା : ବୁଝିଲୁ ଜୁଲୁ, ଘରୁ ବାହାରିଲାବେଳର ସେ ଦୃଶ୍ୟ ଏବେ ବି ସେମିତି ମନେ ଅଛି । ବାପା ବୋଉ ମନ ଭିତରେ ଥିବା ଲୁହକୁ ମୁଁ ଦେଖି ପାରୁଥିଲି । ଭାବୁଛି ଭଗବାନ ଏମିତି ସ୍ନେହ ଦେଉଥିବା ବାପା ମା ସମସ୍ତଙ୍କୁ ଦିଅନ୍ତୁ । ହଉ..., ଛାଡ, ରାତି ହେଲାଣି ଚାଲ ଶୋଇବା । ସରକାର କଣ ବ୍ୟବସ୍ଥା କରିଛନ୍ତି, କାଲି ଟିକେ ବୁଝା ବୁଝି କରିବା ।

## ଦୃଶ୍ୟ ୧୧ : ସୁରତରେ କାରଖାନା ହଷ୍ଟେଲ ରୁମରେ.. ତାପରଦିନ ସକାଳେ ଜୁଲୁ ଆସିକି ବାବୁଲାକୁ ଉଠେଇକି କହୁଛି

ଜୁଲୁ : ଆରେ ବାବୁଲା ଉଠୁ... । ଉଠୁନୁ, କଣ ନିଦ ଭାଙ୍ଗିନି? ନିଉଜରେ ଦେଉଛି, ଓଡିଶା ସରକାର ବସ ବ୍ୟବସ୍ଥା କରିକି ଆମକୁ ନେବେ । ଆଗକୁ ଟ୍ରେନ ସୁବିଧା ବି ହେବ । ଅଫିସ ଟିଭିରେ ମୁଁ ଏବେ ଦେଖିକି ଆସିଲି ।

ବାବୁଲା : ଯାହା ହଉ ଭଲ ହେଲା । ଆଉ ସୁରତ ଆସିବିନି । ଘରେ ରହିବି । ଆଛା ମୁଁ ଭାବୁଛି ଆମେ ବସରେ ଯିବାନି । ଟ୍ରେନରେ ଯିବା, କଣ କହୁଚୁ?

ଜୁଲୁ : ହାକ୍, ଯେମିତି ସେମିତି ହେଇକି ଆଗ ପଳେଇବା କହ । ତୁ ନ ଯା'...। ମୁଁ ତ ଆଗ ବସରେ ପଳେଇବି । ଟ୍ରେନ ବ୍ୟବସ୍ଥା କେବେ ହେବ ହଉ, ଆଉ...ଗାଁକୁ ଗଲେ ପୁଣି ସେଠି କେତେଦିନ ସ୍କୁଲ ଘରେ କି ପଞ୍ଚାୟତ ଘରେ ରହିବ, ତାପରେ ଯାଇକି ନିଜ ଘରକୁ ଯିବ । ମୁଁ ବସରେ ପଳେଇବି ।

ବାବୁଲା : ନା ଭାଇ ମୁଁ ଟ୍ରେନରେ ଯିବି । ତୁ ଯା', ବସରେ ମୋର ବାନ୍ତି ହବ ।
ଜୁଲୁ : ହେକ, କଣ କି ବୋକା ପିଲାଟା । ଏତେ ବଡ ହେଲୁଣି, ତୋର ବାନ୍ତି ହେଉଛି ? ହଉ ଆମ ବରଗଡ଼ ଲୋକ କେତେ ବାହାରିବେ ମୁଁ ତାଙ୍କ ସାଙ୍ଗରେ ପଳେଇବି । ପରଦିନ ସକାଳୁ ବାହାରିବୁ । ପୁଣି ଓଡିଶାରେ ଦେଖା ହେବ ଆଉ ।

ବାବୁଲା : ହଁ, ଯଦି କେବେ କେଉଁଝର ଆସିବୁ ଦେଖାହେବ । ତାରିଣୀ ମନ୍ଦିର ବୁଲିକି ଦେଖିବା ।

ଜୁଲୁ : ହଁ । ନିଶ୍ଚିତ, ହଉ ମୁଁ ଯାଏ ସବୁ ଯୋଗାଡ଼ କରେ । ଆଉ ଗୋଟେ କଥା, ଆଜି ମୋର ଜନ୍ମଦିନ । କଣ ବା ? ମୁଣ୍ଡରେ ବିଛା କାମୁଡ଼ିଲା କିରେ ? କଣ କେମିତି କରିବା ଭାବୁଚୁ ? ଆରେ ଆମେ ଓଡ଼ିଆ...। ଓଡିଶା ପ୍ରସିଦ୍ଧ ପଖାଳ ଖାଇକି ଜନ୍ମଦିନ ପାଳିବା ଏ ସୁରତରେ । ହେଲା, ମୁଁ ତ ଖୁସିରେ ଗଗନରେ ଉଡୁଛି । ଆଉ କିଛି ଦିନରେ ଯାଇ ...ବାକି ଜନ୍ମ ଦିନ ଘରେ ପାଳିବି ଆଉ ।

ବାବୁଲା : ହଁ, ଆମର ପଖାଳ ହେଲେ କେତେ କଣ । ଏ କେକ ଫେକ ତା ଆଗରେ କିଛି ନୁହଁ... ।

ଜୁଲୁ : କିଛି ଲୋକ କଣ ଯାଇଛନ୍ତି ଓଡିଶା...। ସେ ସ୍କୁଲ ଘରେ ଯୋଉ ଉତ୍ପାତ ହଉଛନ୍ତି । ମୋବାଇଲରେ ଚାରିଆଡେ ଭାଇରାଲ... ।

ବାବୁଲା : କୋଉଠି ?

Original Free Copy

ଜୁଲୁ : କୋଉଠି, ମୁଁ ଜାଣିନି... l ସେ ସ୍କୁଲ ଘରେ ଚଉଦ ଦିନ କି କେତେ ଦିନ ଯାହା ସରକାର ରଖିବେ ରହିକି ଘରକୁ ଯିବା ଏତେ ଉତ୍ପାତ ହେବା କଣ ଦରକାର...! ତାଙ୍କ ଯୋଗୁ ଆମ ଅଲଗା ଓଡ଼ିଆ ଭାଇମାନେ ଅସୁବିଧାରେ ପଡିବେ କାଳେ...!

ବାବୁଲା : ହେ ଛାଡ଼, ସରକାର ସେସବୁ ଦେଖିବେ । ଆଉ ଆମେ କଣ କରିବା ...? ବ୍ୟବସ୍ଥା ହେଲେ ଯିବା । ତୁ ଯାଇକି ପଖାଳ ବ୍ୟବସ୍ଥା କର...ପାର୍ଟି ହବ..

## ଦୃଶ୍ୟ ୧୨: ଜୁଲୁ ବାବୁଲାଠାରୁ ବିଦାୟ ନେଇ ସୁରତ ହଷ୍ଟେଲ ରୁମରୁ ବାହାରୁଚି

ଜୁଲୁ : ହଉ ବାବୁଲା ପୁଣି ଓଡ଼ିଶାରେ ଦେଖା । କେବେ କେଉଁଝର ଗଲେ... l ହେଲା, ବସ ଯିବ ମୁଁ ଯାଉଛି ।

ବାବୁଲା : ହଁ ନିଶ୍ଚିତ, ଆମେ ଓଡିଶାରେ ଦେଖା ହେବା । ମୋର ଯଦି କେବେ ବରଗଡ଼ ଆସିବାର ଥିବ ମୁଁ ବି ଆସିବି ।

## ଦୃଶ୍ୟ ୧୩ : ଓଡିଶାକୁ ଫେରୁଥିବା ବସ ଦୁର୍ଘଟଣାରେ ଜୁଲୁର ମୃତ୍ୟୁ ଖବର ପାଇ ବାବୁଲା ବ୍ୟତିବ୍ୟସ୍ତ ହେଇ ମନେ ମନେ ଭାବୁଛି

ବାବୁଲା : ମୁଁ କହୁଛି, ଆମେ ଟ୍ରେନରେ ଯିବା, ମୋ କଥା ଜମା ଶୁଣିଲାନି ... l ଖାଲି ବସରେ ଯିବା, ବସରେ ଯିବା ...ଏବେ ଗଲୁ ତ...? ଆରେ କରୋନାରୁ ବଞ୍ଚିବାକୁ ଯାଇ କୋଉଠି ବଞ୍ଚିଲୁ ? ହେ ଭଗବାନ ନିର୍ମଳ ଭାବନା ମୋ ସାଙ୍ଗଟା ଶେଷରେ ସଂସାରରୁ ଚାଲିଗଲା। ଜୁଲୁ ତୁ ଚାଲିଗଲୁ, ଯେ ମୋ ମନରେ ଆଉ ଗୋଟେ ଭାବନାର ଦୃଶ୍ୟ ଯୋଡ଼ିଦେଲୁ । ଏ ବିଦେଶରେ ମୋର ଏତେ ନିବିଡ ହେଇଥିଲୁ ଯେ



Original Free Copy

ମହାମାରୀର ଆର ପାରିରେ...

ଏବେ ମୁଁ ଖାଲି ମୋ ବାପା ମା ନୁହଁ ତୋ କଥା ବି ଭାବୁଥିବିରେ.... । ଏସବୁ ମୁଁ ଏତେ ସହି ପାରେନି କିନ୍ତୁ ଏବେ କହିବି କାହାକୁ...?

**ଦୃଶ୍ୟ ୧୪ : ଦି'ଦିନ ପରେ ବାବୁଲାର ରୁମ ବାହାରେ ଓଡ଼ିଆ ଭାଇ ..ଜଣେ ପାଟି କରି କହୁଛି**

ଓଡ଼ିଆ ଭାଇ : ଆରେ ଭାଇ, କିଏ କିଏ ପଞ୍ଜି କରଣ କରିଛ ? ଟ୍ରେନ ଯିବ, ରେଡି ହେଇଯାରେ ।

ବାବୁଲା : (ସବୁ ଲଗେଜ ଧରି ଷ୍ଟେସନ ପାଇଁ ବାହାରି) ଭାଇ ତୁମେ କୋଉଠିକି ଯିବ?

ଓଡ଼ିଆ ଭାଇ : ଆଉ ଭାଇ କଥାବାର୍ତ୍ତା ନାହିଁ । ଶୀଘ୍ର ଷ୍ଟେସନ ଚାଲ... । କଥା ସବୁ ଗାଡ଼ିରେ । ଆମ କାରଖାନା ଲୋକ ଆଜି ସମସ୍ତେ ବାହାରିବା ଦରକାର । ଚାଲ ଚାଲ ... । ଶୀଘ୍ର ଚାଲ ।

Original Free Copy

**ଦୃଶ୍ୟ ୧୫ : ସୁରତ ଷ୍ଟେସନରେ ଗାଡିରେ ବସିକି ଓଡ଼ିଆ ଭାଇ ଆଉ ବାବୁଲା କଥା ହେଉଥିବାର..**

ବାବୁଲା : ଭାଇ ତୁମେ ଆମ କାରଖାନାରେ କୋଉ ଦିପାର୍ଟମେଣ୍ଟ? ମୁଁ ଦେଖିନି । ଆଉ କୋଉଠିକି ଯିବ ?

ଓଡ଼ିଆ ଭାଇ : ମୁଁ ଏ କମ୍ପାନୀରେ ଖଣି ଦିପାର୍ଟମେଣ୍ଟରେ ସୁପରଭାଇଜର । ଏପଟକୁ ଆସେନି । ଲକଡାଉନରେ ଏପଟେ ରହିଯାଇଥିଲି... । ଆଉ ମୁଁ ବଲାଙ୍ଗିର ଯିବି । ତୁମେ କୁଆଡେ ଯିବ? ଖାଇବା ଅଛି? ଏଇ ନିଅ ରୁଟି... ।

ବାବୁଲା : ନା ନା ମୋ ପାଖରେ ରୁଟି ଅଛି । ମୁଁ କଟକ ଯିବି ସେଠୁ ପୁଣି କେଉଁଝର ଯିବି । ତୁମେ ରଖ...। ତୁମେ ରଖ ଦରକାର ହେଲେ

କହିବି । ଭାଇ ଯାହା ହଉ ସରକାର ଏ ବ୍ୟବସ୍ଥା କରିକି ଭଲ କଲେ । ଏ ରୋଗ ଏ ପରିସ୍ଥିତି ଯାହା ହେଲାଣି ଓଡିଶା ପଳେଇବା ଭଲ । ପର ଜାଗାରେ ମଲେ ଗଲେ କିଏ ପଚାରେ...। ନିଜ ଜାଗାରେ ଯାହା ବି ହଉ ଅତି କମରେ ଘର ଲୋକ ପାଖରେ ଥିବେ...।

ଓଡ଼ିଆ ଭାଇ : ହଁ ଭାଇ ଠିକ କଥା...। ସେଇଥିପାଇଁ ତ ସମସ୍ତେ ଯାଉଛେ । ସମୟ ସ୍ଥିତି ବଦଳିଲେ ଯାହା ... ।

ଓଡ଼ିଆ ଭାଇ : (ଦିନେ ପରେ ବଲାଙ୍ଗିର ଷ୍ଟେସନ ପାଖେଇ ଆସିବା ଦେଖି ଓଡ଼ିଆ ଭାଇ ବାବୁଲାକୁ ନିଦରୁ ଉଠେଇ) ହୋ ଭାଇ ... । ବଲାଙ୍ଗିର ଆସିଗଲା । ମୁଁ ରହୁଛି ...।

ବାବୁଲା : ହଁ ଭାଇ ...।

**ଦୃଶ୍ୟ ୧୬ : କଟକ ଷ୍ଟେସନରେ ବାବୁଲା ଓହ୍ଲେଇ ଷ୍ଟେସନ ବାହାରେ ପୋଲିସ ଭାଇମାନେ ଜଗିଥିବାର ଦେଖିଲା । ଜଣେ ପୋଲିସ ଭାଇ ତାକୁ ଆସିକି କହିଲେ ।**

Original Free Copy

ପୋଲିସ ବାବୁ : ଏ ପିଲା ଇଆଡ଼େ ଇଆଡ଼େ ...? କୁଆଡେ ଯିବ ..?

ବାବୁଲା : କେଉଁଝର ଗମ୍ଭାରିଆ ।

ପୋଲିସ ବାବୁ : ହଉ ଠିକ ଅଛି । ଏ ଆମ୍ବୁଲାନ୍ସରେ ଯା' । ଏ ଗାଡି ସେଇପଟେ ଯିବ ଆଉ ତୁମ ଗାଁ ସ୍କୁଲରେ ତୋତେ ଛାଡ଼ିଦେବ । ସେଠି ରହିବ ତାପରେ ଘରକୁ ଯିବ । ସେଠି ସବୁ ବ୍ୟବସ୍ଥା ଅଛି ।

ବାବୁଲା : ଆଜ୍ଞା ସାର ।

**ଦୃଶ୍ୟ ୧୭ : ଆମ୍ବୁଲାନ୍ସରେ କିଛି ଲୋକଙ୍କ ସାଙ୍ଗରେ ବାବୁଲା ବସିଛି । ମଝିରେ ମଝିରେ ଘୁମେଇ ପଡୁଛି । ମଝିରେ ମଝିରେ ଉତ୍ସାହରେ ବାହାରକୁ ଦେଖୁଚି । ରାସ୍ତାରେ ଜଣେ ଜଣେ ନିଜ ନିଜ ଅଞ୍ଚଳରେ ଓହ୍ଲାଉ ଥାନ୍ତି । ବାବୁଲା ଗାଁ ସ୍କୁଲ ପାଖରେ ଗାଡି ଲାଗିଲା । ଆଉ ସେଠାରେ ଭାରପ୍ରାପ୍ତ ଅଧିକାରୀ ଓ ପୋଲିସ ଭାଇ ବାବୁଲାକୁ ଦେଖି ବାବୁଲାକୁ ଡାକି କଥା ହେବାର...**

ଭାରପ୍ରାପ୍ତ ଅଧିକାରୀ : ତୁମ ନା' କଣ ? ତମେ ଏକୁଟିଆ ? ଆଉ କେହି ନାହାନ୍ତି ? ହଉ, ତମେ ଏକୁଟିଆ ଏଠି ରହିବ। ପଞ୍ଜିକରଣ... କରିଥିଲ ତ ? ଆଇଡି ଦିଅ । ହଉ ଠିକ ଅଛି । ଏଠି ଯାହା ଦରକାର ସବୁ ଦିଆ ହେବ । ଖାଇବା ପିଇବା ସବୁ... । ବୁଝି ହେଲା ? ମନ ଇଛା କାହା ସହିତ ମିଳା ମିଶି କରିବନି । ଘର ଲୋକଙ୍କୁ ଦୁରେଇ ରହିବ । ଘର ଜିନିଷ ଏଠିକି ମଗେଇବ ନାହିଁ । ଏସବୁ ମାନିବ ... । ତୁମ ଭଲ ପାଇଁ ଏସବୁ...।

ବାବୁଲା : ଆଜ୍ଞା ସାର । ଏଠି କଣ ଆଉ କେହି ରହିବେନି ?

ଭାରପ୍ରାପ୍ତ ଅଧିକାରୀ : ହଁ, ଯଦି ଆସିବେ ରହିବେ । କିଛି ଦରକାର ହେଲେ ଜଣେଇବ । ଚିନ୍ତା କରିବା ଦରକାର ନାହିଁ । ତୁମେ ସବୁ ବାହାରୁ ଆସିଛ ତେଣୁ ବେଶୀ ସତର୍କ ରହିବ । ସରକାରଙ୍କ ନିୟମ ଅନୁସାରେ ଯେତିକି ଦିନ ରହିବ । ସ୍ୱାସ୍ଥ୍ୟ ପରୀକ୍ଷା ପରେ ଯାହା...। ଆଉ ସବୁ ଠିକ ଥିଲେ ଘରକୁ ଯିବ ।

ବାବୁଲା : ଆଜ୍ଞା, ମୋ ମାମୁଁ ପୁଅକୁ କହିଛି, ସେ ଆସିକି କିଛି ଜିନିଷ ଘରକୁ ନେଇଯିବ ।

ଭାରପ୍ରାପ୍ତ ଅଧିକାରୀ : ନା...ନା ....ସେ ସବୁ ପରେ । ଏଠି ସବୁ ରଖ, ତୁମେ ରୁହ, ବହୁତ ଜାଗା ଅଛି ।

ବାବୁଲା : ହଉ ସାର । କୋଉ ରୁମ ଟିକେ କହିଦିଅନ୍ତୁ ...। ଟିକେ ଫୋନ ଚାର୍ଜ କରିଦିଏ ।

ଭାରପ୍ରାପ୍ତ ଅଧିକାରୀ : ଗୋପବନ୍ଧୁ କକ୍ଷ ରୁମ ଟା । ଏ ପୋଲିସ ଭାଇ ଏଠି ଡିଉଟି ରେ । ହୁସିଆର ! ହେଲା ।

ବାବୁଲା : (ସ୍କୁଲ ରୁମ ଭିତରକୁ ଯାଇ ଫୋନରେ) ହେଲୋ ବୀଣା ଅପା, ବାପାଙ୍କୁ କହିଦେବୁ, ମୁଁ ସ୍କୁଲ ଘରେ ଅଛି । ଆଜି ପହଞ୍ଚିଲି । ଏବେ ମୋ ପାଖକୁ ଆସିବେନି କେହି । କଟକଣା ଅଛି ।ହଉ, ରଖୁଛି ।

**ଦୃଶ୍ୟ ୧୮ : ବାବୁଲା ଘରେ ବାବୁଲା ବାପା ଦାଣ୍ଡ ଘରେ ବଡ ପାଟିରେ କହିବାର**

ବାବୁଲା ବାପା : ଏ କୁଆଡେ ଗଲା କଣ ? ବାରିଆଡେ କୁଆଡେ ଯାଇଛି ବୋଧେ ! ଏ ବାବୁଲା ବୋଉ... । ଆରେ ବାବୁଲା ଆସିଲାଣି । ବୀଣା କଥା ହେଇଚି । ସ୍କୁଲ ଘରେ ଆସିକି ଅଛି । ଶୁଣା ଯାଉଛି ନା ନାହିଁ... ।

ବାବୁଲା ବୋଉ : ହଁ, ମୁଁ ବା ସେ ବୀଣା ବୋଉ ପାଖରୁ ଶୁଣିକି ଆସିଲି । ଚାଲିଲ, ଚାଲିଲ ଯାଇକି ଟିକେ ପୁଅଟାକୁ ଦେଖିକି ଆସିବା... । ଏତେ ଦିନ ହେଲାଣି ଦେଖିନି ।

ବାବୁଲା ବାପା : ଧେତ, ସେଠିକି କେହି ଯିବାକୁ ଦେବେନି । ତଥାପି ଚାଲ ବାହାରୁ ବାହାରୁ ଯଦି ହୁଏ ଆଖି ଟିକେ ପକେଇକି ଆସିବା । ମୋର ବି ଇଛା ହଉଚି ଟିକେ ଦେଖା ହେଇକି ଆସିବା ।

**ଦୃଶ୍ୟ ୧୯ : ପୋଲିସକୁ ବାବୁଲା ବାପା କଥା ହେବା**

ବାବୁଲା ବାପା : ଆଜ୍ଞା ମୋ ପୁଅ ଆସିଛି । ମୁଁ ଜାଣିଚି କଟକଣା ଅଛି । ଆମେ ତାର ପାଖକୁ ଯାଇକି ଦେଖା ହେଇପାରିବୁନି । ହେଲେ ସାର ଦି ବର୍ଷ ହେଲା ପୁଅକୁ ଦେଖିନୁ ଟିକେ ଡାକିଦେବେ, ଆମେ ବାହାରୁ ଦେଖିକି ପଳେଇବୁ ... ।



Original Free Copy

ପୋଲିସ ଭାଇ : ରୁହ ରୁହ...ତୁମର ମାସ୍କ କାହିଁ ? ଆଗ ଗାମୁଛା ମୁହଁରେ ଦିଅ । ମାଉସୀକି କୁହ ମୁହଁରେ କାନି ଦେବେ । ସେଇଠି ଗେଟ ପାଖରେ ଠିଆ ହୁଅ । ମୁଁ ଡାକୁଛି ତୁମ ପୁଅକୁ । ଗେଟ ଭିତରକୁ ଆସିବନି ।

ବାବୁଲା ବାପା : ଆଜ୍ଞା ଆଜ୍ଞା ... । (ବାବୁଲାକୁ ଦେଖି ଭାରି ଖୁସି ହେଇ ) ଆରେ ବାବୁଲା ଭଲ ଅଛୁଟି ?

ବାବୁଲା : (ମନରେ ଭାରି ଖୁସି ଆଉ ବାହାରେ ଅଭିମାନ) ଓହୋ ! ବାପା ବୋଉ ତମେ କାହିଁକି ଏଠିକି ଆସିଲ ? ହଉ, ଏଇଠି ମୁଣ୍ଡିଆ ମାରୁଚି । ଗେଟ ବାହାରେ ରୁହ । ମୁଁ ବା ଆଜି ଆସିଲି ଆଉ ବୀଣା ଅପାକୁ କହିଥିଲି କେହି ମୋ ପାଖକୁ ଆସିବନି । ସରକାରଙ୍କ କଟକଣା । ଯେତିକି ଦିନ ରହିବାପରେ ମୁଁ ନିଜେ ଘରକୁ ଯିବି । ଆଉ ସେ ସୁରତ ଫୁରତ ଯିବିନି । କଣ ତମେ ଦିଜଣ ଖାଉନ ପିଉନ...? ଏମିତି ଦେଖାଯାଉଛ ! ବୋଉ ..., ହଉ ତମେ ଘରକୁ ଯା ।

ବାବୁଲା ବାପା : ହଁ ବା ଆମେ ଖୁସିରେ ଅଛୁ... । ଏଥର ତୋ ବୋଉ ଆଉ କାନ୍ଦିବନି । ତୋ ବୋଉର ଖୁସି କାହିଁରେ କଣ... । ଦେଖୁନୁ, ବୁଢ଼ୀ ଆଉ ମାଟିରେ ପାଦ ପକେଇବନି । ହଉ ପୁଅ ଥା' । ହେ, ପୋଲିସ ଭାଇ ପାଟି କଲେଣି । କଣ ଦରକାର ହେଲେ ସେ ଜଗା, ସେ ଯୋଉ ସ୍କୁଲ ପିଅନ ଅଛି ତାକୁ କହିବୁ, ମୁଁ ତା ହାତରେ ପଠେଇଦେବି ...ବୋଉ ତୋ ପାଇଁ ଚକୁଳି ପିଠା କରିଦେବ ଆଉ ମୁଁ ବି ଆମ୍ବ ପଠେଇଦେବି ।

ବାବୁଲା : ନା ନା, ଏଠିକି ଆସନି..., କି କିଛି ପଠେଇବନି । ଏଠି ସବୁ ବ୍ୟବସ୍ଥା ଅଛି । ଏଠି ଆଉ ଠିଆ ହୁଅନି । ଆଉ ଗାମୁଛା ମୁହଁରେ ବାନ୍ଧିକି ରଖୁନା । ପୁଅ ବୋଲି କଣ ଭାଇରସ ଛାଡ଼ିଦେବ...? ମୁଁ ବା ବାହାରୁ ଆସିଛି । ଆଉ କିଛି ଦିନ ପରେ ମୁଁ ଘରକୁ ଗଲେ ସବୁ ଖାଇବା ପିଇବା ସେଠି ।

ବାବୁଲା ବୋଉ : ହଉ ହଉ ତୁ ଥା ଆମେ ଯାଉଛୁ । ବୀଣାକୁ ଫୋନ କରୁଥିବୁ...।

**ଦୃଶ୍ୟ ୨୦ : ପାଞ୍ଚ ଦିନ ପରେ ବାବୁଲାର ନମୁନା ଟେଷ୍ଟ ହେଇଚି । ସେ କରୋନା ପଜିଟିଭ ହେଇଚି । ସେ ଖବର ବାବୁଲା ବାପା ପାଇଲାପରେ ଅଧୀର ହୋଇପଡିଛି । ହେଲେ ଧର୍ଯ୍ୟ ଧରି ଘରେ ବାବୁଲା ବୋଉ ସାଙ୍ଗରେ କଥା ହେଉଛି ... ।**

ବାବୁଲା ବୋଉ : କଣ ଏଡ଼େ ବଡ ମୁହଁ କରିଛ ? କଣ ହେଲା ? କିଏ କଣ କହିଛି ? ବାବୁଲାକୁ ଦେଖା କରିବାକୁ ଇଛା ହଉଚି କି? ଚାଲୁନା ଟିକେ ଯାଇକି ଦେଖିକି ଆସିବା । ସେ ସ୍କୁଲରେ କଣ ଖାଉଥିବ ନା ନାହିଁ, ତା ପାଇଁ ଚକୁଳି କରିଦିଅନ୍ତି ନେଇକି ଯାନ୍ତେ, କଣ କହୁଚ ?

ବାବୁଲା ବାପା : ରୁହ ଟିକେ ଚୁପ ମନ ଭଲ ଲାଗୁନି । କଣ ପାଇଁ ଠାକୁର ଆମ ସାଙ୍ଗରେ ନାଟ ଲଗେଇଛନ୍ତି?

ବାବୁଲା ବୋଉ : କଣ ହେଲା କହୁନ ? ବାବୁଲା ମନ ଦୁଃଖ କରୁଛି କି... ? କଣ କୁହ ? ଏମିତି କାନ୍ଦୁଛ କଣ ...!

ବାବୁଲା ବାପା : ମୁଁ କି ପାପ କରିଥିଲି ହେ, ପ୍ରଭୁ ମୋ ପିଲାଟା ଦଣ୍ଡ ପାଉଛି ।

ବାବୁଲା ବୋଉ : କଣ ହେଲା ମୋ ପୁଅକୁ ?

ବାବୁଲା ବାପା : ତାକୁ କରୋନା ହେଇଚି ... । ତାର ଟେଷ୍ଟରେ ସେଇଆ ବାହାରିଛି ...।

ବାବୁଲା ବୋଉ : (ଜୋରରେ କାନ୍ଦି) ହେ ମା' ...ହେ ମା' ...ନାଇଁ ନାଇଁ, ମୁଁ ମୋ ପୁଅ ପାଖକୁ ଯିବି । ଚାଲ ଚାଲ ଏବେ ଚାଲ ।

Original Free Copy

ବାବୁଲା ବାପା : ( କାନ୍ଦି କାନ୍ଦି ) ଆରେ ସେ ବା ପୋଲିସ ମନା କରୁଛି । ଘର ଲୋକ ତା ପାଖକୁ କେହି ଯିବେନି । ସେ ଏବେ ବଡ ମେଡିକାଲ ଯିବ ।

ବାବୁଲା ବୋଉ : ( କାନ୍ଦି କାନ୍ଦି) ନା ନା, ମୋ ପୁଅ କୁଆଡେ ଯିବନି । ତୁମେ ସେ ସରପଞ୍ଚଙ୍କୁ କୁହ ମୋତେ ବି ନେଇକି ଯିବ । ମୁଁ ତା ପାଖରେ ରହିବି ।

ବାବୁଲା ବାପା : ଆରେ ନାହିଁ ପରା କେହି ଶୁଣୁ ନାହାନ୍ତି ... । କଣ ତୁମେ ଏକୁଟିଆ ତା' ମା, ଆଉ ମୁଁ କିଛି ନୁହଁ ? ତୁମେ ଯେମିତି ସାହିପାରୁନା ମୁଁ ବି ସେମିତି...ଏ ଦୁଃଖ ସହି ହଉନି ... । ମୋର ବି ବାବୁଲା ସାଙ୍ଗରେ ଯିବାକୁ ଇଛା ହଉଚି । ମୁଁ ପୋଲିସକୁ କହିଲି, ସରପଞ୍ଚଙ୍କୁ କହିଲି ସମସ୍ତେ କହୁଛନ୍ତି ଏ ରୋଗରେ କେହି ତା ସାଙ୍ଗରେ ଯିବେନି । ନିୟମ କାନୁନ ସରକାରୀ କଟକଣାରେ ଗାଁ ଲୋକ ବି ମନାକରୁଛନ୍ତି । ସମସ୍ତଙ୍କ କଥା ବୁଝୁଚି ହେଲେ ମୋ ମନ ମାନୁନି । ମନ ଭିତରେ ଖାଲି ବାଟ ଖୋଜୁଛି କେମିତି କାହାର କିଛି କ୍ଷତି ହେବନି ଆଉ ମୁଁ ମୋ ପୁଅ ପାଖକୁ ଯିବି ।

ବାବୁଲା ବୋଉ : ପିଲାଟା କେତେ ଖୁସିରେ ଆସିଲା । କଣ ହେବ ? ହେ ମା' ତାକୁ ସାହା ହ ମା'...। ଦି' ଦି' ଥର ଚକୁଳି କଲି, ପିଲାଟା ଖାଇବ ବୋଲି, ନେଲନି କି ସେ କହିଲାନି ... । ମୁଁ ଜାଣିଚି ମନ ମାରିକି ପିଲାଟା ଅଛି । ପୁଣି ଏ ରୋଗ ..., ମୋ ମୁଣ୍ଡ କଣ ହେଇଯାଉଛି । ତୁମେ ଯାହା ହେଲେ କର କେମିତି ପିଲାଟା ଭଲ ହେଇ ଯାଉ ।

ବାବୁଲା ବାପା : ଟିକେ ଶାନ୍ତ ହୁଅ । ଆଉ ଆମର କିଏ ଅଛି ଯେ ? ଜଗା କାଲି କହୁଥିଲା, ସାରା ଦୁନିଆରେ କେତେ ଲୋକ ...!

ବାବୁଲା ବୋଉ : ନାହିଁ ନାହିଁ ..., ତୁମେ କିଛି କର । ...ଆମେ ତା ପାଖକୁ ଯିବା ।

Original Free Copy

ବାବୁଲା ବାପା : ମୁଁ ଭାବୁଛି... । ମୁଁ ଥାଉ ଥାଉ ମୋ ପୁଅର କେମିତି କଣ ହେଇଯିବ ଦେଖିବି ! ଠାକୁରଙ୍କ ସାଙ୍ଗରେ ଝଗଡା କରିଦେବି । ମୋ ପୁଅର କିଛି ହେବନି । ମୁଁ ଜାଣିଚି, ଏଇଟା ଡିଆଁ ବେମାରୀ, ହେଲେ କଣ କେମିତି କରିକି ମୁଁ ମୋ ପୁଅ ପାଖକୁ ଯିବି । ତାକୁ ଆଉ ନଦେଖିକି ରହି ହବନି...। ସବୁ ଆଡେ ଗାଡି ମୋଟର ବନ୍ଦ । ଏଡ଼େ ମୁଁ ଚାହୁଁନି, ଆମେ ଆମ ପୁଅ ପାଇଁ ଗାଁ ଗଣ୍ଡାରେ ରୋଗକୁ ଆଣିକି ପୁରେଇବା । ମୋ ପୁଅ ପରି ଆଉ କାହାକୁ ଏ ରୋଗ ନହେଉ ..., ହେଲେ ମୋ ପୁଅ କେମିତି ଭଲ ହଉ । ମୋ ପୁଅର କିଛି ଅସୁବିଧା ନ ହେଉ । ସେଥିପାଇଁ କିଛି ନା କିଛି କରିବି ... । ମୋ ପୁଅ ପାଖକୁ କେମିତି କଣ କରିକି ଯିବି । ସେ ଭଲ ହେଇକି ଆସିବ...। ତାକୁ ମରଣ ମୁହଁରେ ଛାଡିକି ଏଠି ରହିଁବିନି ।

ବାବୁଲା ବୋଉ : ଆଉ ମୋତେ ବି ନେବ । ତାକୁ ନଦେଖିକି ମୁଁ ବି କେମିତି ରହିବି ...! ମୁଁ ଏଠି ରହିବିନି । ସେ ମେଡିକାଲରେ ତାର ଯାହା ଦରକାର କରିବି ।

ବାବୁଲା ବାପା : ଓହୋ ଟିକେ ରୁହ । ହେ ପ୍ରଭୁ କାହାକୁ ବୁଝେଇବି ...? ଦିବର୍ଷ ହେଲାଣି ପୁଅକୁ ଦେଖି ନଥିବା ମା’ କୁ ନା ମୋ ନିଜ ମନକୁ ...? ମୋତେ ଟିକେ ଭାବିବାକୁ ଦିଅ । ସେ ତ..., ବଡ ମେଡିକାଲ ଚାଲିଯିବଣି ।

ବାବୁଲା ବୋଉ : ( କାନ୍ଦି କାନ୍ଦି ) ତୁମେ ତ ଖାଲି କାନ୍ଦୁଛ ଆଉ ଭାବିବ କଣ ? ମୋତେ କୁହ ମୁଁ ଯଦି କଣ କରି ପାରିବି ...।

ବାବୁଲା ବାପା : ( ଧୀର କଣ୍ଠରେ ) ହଉ ଟିକେ ବସ... । ଟିକେ ରୁହ, ବସ । ମୁଁ ରାସ୍ତା ବାହାର କରୁଛି ।

**ଦୃଶ୍ୟ ୨୧ : ସେଦିନ ରାତି ଘଡ଼ିଏ ହେଲାଣି । ବାବୁଲା ଘରେ ବାବୁଲା ବୋଉ ବାବୁଲା ବାପା କେହି ଖାଇବା ପିଇବା କରି ନାହାନ୍ତି ... । ଦି’ଜଣ ଯାକ ନିସ୍ତେଜ ହେଇକି ବସିଛନ୍ତି ।**

ବାବୁଲା ବୋଉ : (ବହୁତ ଧୀର କଣ୍ଠରେ) ହଉ ଆଉ ବାଟ ତ ବାହାର କରିବ । ପଖାଳ ବାଢ଼ି ଦେଉଛି, ଟିକେ ଖାଇଦିଅ । ଦିନଯାକ ପାଟିକୁ ଦାନା ଟିକେ ଦେଇନ । ଆସ ଆସ, ଦି ମୁଠା ଖାଇଦେବ ।

ବାବୁଲା ବାପା : (ଆଖିଯାକ ଲୁହ) ନାଇଁ ଥାଉ ...ଭୋକ ନାହିଁ ... ।

ବାବୁଲା ବୋଉ : କି ଲୋକ ...! ଖାଇଲେ ସିନା କଣ କିଛି କରିବ । ଖାଉନ କାହିଁକି ?

ବାବୁଲା ବାପା : ନାଇଁ ବା କହିଲି, ଖାଇବିନି । ଏ ମହାମାରୀ ରୋଗଟା ଶେଷରେ ମୋ ପୁଅକୁ ଛାଡ଼ିଲାନି । ଦି ବର୍ଷ ପରେ ଫେରିଲା ଯେ ଏମିତି ସ୍ଥିତି...।

**ଦୃଶ୍ୟ ୨୨ : ସେଦିନ ରାତିରେ ବାବୁଲା ବାପା ବାବୁଲା ବୋଉ କେହି ଖାଇଲେନି । ସେମିତି ରାତିଯାକ କାନ୍ଦୁଥିଲେ । ଭୋରୁ ଭୋରୁ ଟିକେ ନିଦ ହେଇଚି ... । ଆଉ ସକାଳେ ବାବୁଲା ବୋଉ ବାବୁଲା ବାପାକୁ କହୁଛି...**

ବାବୁଲା ବୋଉ : ମୁଁ ଜାଣିଚି, କାଲି ରାତିଯାକ ତୁମେ କାନ୍ଦୁଥିଲ । ଆଖିଗୁଡା ଫୁଲି ଯାଇଛି । ଆଜି ହେଲେ ଦିଟା ଖାଇଦିଅ ...!

ବାବୁଲା ବାପା : ନାଇଁ ନାଇଁ, ମୁଁ କାହିଁକି କାନ୍ଦିବି ...? ଆଉ ଯାଇ ଆଖିରୁ ଲୁହ ଗଡ଼ିଲା, ତାକୁ ରୋକିବି କେମିତି...? ପୁଅଟାର କଷ୍ଟ ସହି ପାରୁନି ... । ମୋର ଟିକେ କଣ ହେଲେ ସେ ସାହିପାରେନି, ବାପା ବାପା କହି କାନ୍ଦେ...। ଆଜି ମୋ ପୁଅ ଏ ରୋଗ କବଳରେ...। ଆଉ କଣ ମନ ଭଲ ଲାଗିବ ? ମୁଁ ଖାଇବିନି ... । ତୁମେ ଯଦି ଖାଇବା କଥା ଖାଇବ ।
ବାବୁଲା ବୋଉ : ନାହିଁ ମୋ ପୁଅକୁ ନଦେଖିଲା ପର୍ଯ୍ୟନ୍ତ ମୁଁ ବି ଖାଇବିନି । ଭୋକ ଲାଗିଲେ କହିବ..., ମୁଁ ଚୁଲି ଲଗେଇବି ।

ବାବୁଲା ବାପା : ହଉ ମୁଁ କହିବି ... ।

Original Free Copy

**ଦୃଶ୍ୟ ୨୩ : ସେଦିନ ବି ଘରେ ଚୁଲି ଲାଗିଲା ନାହିଁ । ଦିନ ଯାଇ ରାତି ଘଡ଼ିଏ ହେଲା । ବାବୁଲା ବାପା ଆଉ ବାବୁଲା ବୋଉ ଦାଣ୍ଡ ଘରେ ନିସ୍ତେଜ ହେଇ ବସିଛନ୍ତି । ବାବୁଲା ବୋଉ ଗୁଣୁ ଗୁଣୁ ହେଇ କଣ କହୁଛି...**

ବାବୁଲା ବୋଉ : ଘରେ ଥିଲେ ତାର ଗୋଡ଼ରେ ତେଲ ଘଷି ଦେଇଥାନ୍ତି...। ତାକୁ ଓଷଦ ଦେଇଥାନ୍ତି ...। ତାକୁ ଖାଲି ମିଠା ଓଷଦ ଭଲ ଲାଗେ, ପିତା ଓଷଦ ଜମା ଖାଇବନି...। ଶୁଣୁଛ ନା ଶୁଣୁନ ବା... । ଦିନ ଯାକ ତ ଖାଇଲନି ? ଆଖି କଣ ବନ୍ଦ କରିଛ ...? ଲୁହ ଗୁଡା ଝରୁଛି...କାନ୍ଦୁଛ...? ଏ କହୁନ କଣ କିଛି...? ଏଇ କଣ କହୁନ କିଛି...? ଶୁଣୁନ... ଶୁଣୁନ...(ବାବୁଲା ବାପା ପିଠିକୁ ଜୋରରେ ହଲେଇ ) ଶୁଣୁନ କଣ ...କଣ ..ହେ...? ହେ ମା' ..., ଆରେ କଣ ହେଲା ? କଣ ...? ଆରେ କଣ...,ଏ କଣ ଚେତା ବୁଡିଗଲା ନ କଣ...! ହେ ପ୍ରଭୁ..., ହେ ବଟିଆ ଦେଖିଲୁ ଦେଖିଲୁ... । ସେ ସୁନିକୁ ଡାକିଲୁ । କଣ ହେଲା..., ହେ ବୀଣା ବୋଉ ..., ଲୋ ବୀଣା, ତୋ ବଡବାପା କଣ ଆଉ କିଛି କହୁନି... ! ଆରେ କିଏ କୋଉଠି ଅଛ ଟିକେ ଆସ...।

ବୀଣା : କଣ ହେଲା ବଡମା...? କଣ ପାଟି କରୁଛ...? ହେ, ବଟିଆ ଆସିଲୁ ଆସିଲୁ ।

ବଟିଆ : କଣ ହେଲା ବୀଣା ...? ଉଠୁ, ଉଠିଲୁ ଦେଖେ, ...ଆରେ ଆରେ । ଓହୋ ...! ଆଉ ବଡବାପା ନାହିଁ ।

ବାବୁଲା ବୋଉ : (ଚେତା ବୁଡିଲା ପରି ଅବସ୍ଥା) କଣ କହିଲୁରେ ବଟ ? ନାହିଁ ନାହିଁ, ତୁ ଠିକ ରେ ଦେଖ । ଏବେ ବା ଗୁଣୁ ଗୁଣୁ ହେଇକି କଥା ହେଉଥିଲୁ ... । ମୁଁ କହୁଥିଲି ସେ ଶୁଣୁଥିଲେ...। ଆଉ କଣ କରିବି ଲୋ ବୀଣା । ମା' ଟିକେ ତୋ ବାପାକୁ ଡାକେ...। ମୋର ମୁଣ୍ଡ କଣ ହେଇଯାଉଛି ।

ବୀଣା : କଣ କରିବା ? ମୁଁ ଯାଇକି ବାପାକୁ ଡାକି ଆସେ... । ହେଇ ବାପା ଆସିଲେଣି ... ।

Original Free Copy

ବୀଣା ବାପା : ନୂଆ ବୋଉ ଆଉ କାନ୍ଦନା...। ହେ ବଟ, ଯିବୁଟି ବୋଉକୁ ଡାକିକି ଆଣିବୁ । ବୀଣା, ବଡମା'କୁ ସମ୍ଭାଳେ । ମୁଁ ଯାଏ ଦେଖେ ..., କାଶିଆ ଭାଇକୁ ଡାକେ ...କଣ କରିବା । ...ଧର୍ଯ୍ୟ ଧର... । ତୁ ଆମଠୁ ବଡ ତୋତେ କଣ କହିବି ? ଧର୍ଯ୍ୟ ଧର । ଏବେ ତ ରାତି... । ଭାଇଟା ସଂସାରରୁ ଗଲା । ମୁଁ ଆଗ ଯାଇକି ସରପଞ୍ଚଙ୍କୁ ଖବର ଦିଏ । କଣ ଯାହା ବ୍ୟବସ୍ଥା କରିବା । ଏ ବୀଣା ତୋ ବୋଉକୁ ଡାକେ ।

ବାବୁଲା ବୋଉ : (ଚେତା ବୁଡିବା ଅବସ୍ଥା ...ଗୁଣୁ ଗୁଣୁ ହେଇ) ହେଇଟି, ତୁମେ ବହୁତ ଚାଲାକ... । ମୋତେ କହିଲ ପୁଅ ପାଖକୁ ଯିବାକୁ ରାସ୍ତା ଭାବୁଛ । କଣ ଏଇ କଥା କଲ...? ସରକାର ମନାକଲେ, ସରପଞ୍ଚ ମନା କଲେ, ଗାଁ ଲୋକଙ୍କୁ ରୋଗ ଡେଇଁବ କାଳେ କି ଲୋକଙ୍କୁ ହଇରାଣ ନକରିବାକୁ ଏମିତି ରାସ୍ତା କଲ...? ବୀଣା ଲୋ, ପୁଅକୁ ନ ଦେଖିକି ଆଉ ସମ୍ଭାଳି ପାରିଲାନି ଯେ ବୁଢା ମୋତେ ଛାଡିକି ପଳେଇଲା । ବାପା ପୁଅ ଗୋଟେ ... । ମୁଁ କଣ ପାପ କରିଛି ନା ମୋ ପାଖରେ ବଳ ଅଛି ଯେ ମୋତେ ଏକୁଟିଆ କରିଦେଲ...? ହେ ବାବୁଲା ବାପା, ମୋତେ ସାଙ୍ଗରେ ନେଇଯା...ମୁଁ ...ମୁଁ ...ହେ ବାବୁଲା ...।

ବୀଣା : ବଡମା' କଣ ଗୁଣୁ ଗୁଣୁ କହୁଚୁ ? କଣ କହୁଚୁ ...? ବାପା...ବାପା ...ଦେଖିଲ, ବଡମା କଣ ଏମିତି ପଡିଗଲା ! ଆଉ କିଛି କହୁନି...। ବୋଉ ବୋଉ ...!

ବୀଣା ବୋଉ : ନାନୀ... । ହେ ନାନୀ ... । ବୀଣା ଉଠିଲୁ ... । ବୀଣା ବାପା, ଆଉ ନାନୀ ନାହିଁ ... ।

ବୀଣା ବାପା : ହେ ଭଗବାନ ! ଆରେ କାଶିଆ ଭାଇ ... । ଏଢ଼େ ଆସ । କଣ କରିବା...। ଏ ବୁଢା ବୁଢ଼ୀ ଚାଲିଗଲେ । କଣ କରିବା ଯେ...? ପୁଅଟା ବଡ ମେଡିକାଲରେ ...କରୋନାରେ... । ରାତିଟାରେ କଣ କାହାକୁ ଡାକିବା ? ସରପଞ୍ଚଙ୍କୁ ଚାଲେ କହିକି ଆସିବା । ଯାହା ବ୍ୟବସ୍ଥା ସବୁ ସକାଳେ... । ସେ କାନୁଆକୁ ଡାକେ । ଏ ଦାଣ୍ଡରେ ବସି ଥାନ୍ତୁ । ବୀଣା, ବୋଉକୁ ଡାକେ । ଲାଇଟ ଜଳୁଥାଉ... । ସମସ୍ତେ ଆସିକି

Original Free Copy

ବାହାରେ ବସ... । ନହେଲେ ଘରେ ଯାଇକି ବସ । କାନୁଆ, ଏ ଘନ, ତୁମେ ଦିଜଣ ଏ ଦାଣ୍ଡରେ ବସିଥା ।

**ଦୃଶ୍ୟ ୨୪ : ବଡ ମେଡିକାଲ ଭିତରେ ବାବୁଲା ରୁମରେ, ଟିକେ ଧିମା ଆଲୁଅରେ ...ବାବୁଲା ଦେଖୁଚି, ତା ବାପା ବୋଉକୁ...**

ବାବୁଲା : ବୋଉ ବାପା ତୁମେ ଘରେ ଥିଲ ଟି ? ଏଠି କଣ ଏତେ ରାତିରେ ! କେମିତି ଆସିଲ ! ତୁମେ ଦିଜଣ ଭଲ ଅଛ ଟି ? ଏତେ ବାଟ କେମିତି ଆସିଲ ? ଗାଡି ତ ଚାଲୁନି, ସବୁଆଡେ ପୋଲିସ ଜଗିଛି । ଏଠି ବି ପୋଲିସ ବାହାରେ ଥିବ । ମୋତେ ବା କରୋନା ହେଇଚି । ତୁମେ କଣ ପାଇଁ ଏଠିକି ଆସିଲ ଯେ...? କଣ କହିବି ତୁମକୁ ... । ଏ ରୋଗ ବା ଡିଆଁ ରୋଗ । ଛୁଆଁରେ ତୁମକୁ ହେଇଯିବ । ହେ ନର୍ସ ଭଉଣୀ, କୁଆଡେ ଗଲ...? ବାପା ତୁମେ କଣ ଜାଣିନ ? ତୁମେ ଦିଜଣ ଏଠୁ ଶୀଘ୍ର ଗଲ ।

ବାବୁଲା ବାପା : ପୁଅ, ଏ ବାବୁଲା..., ପାଟି କରନି । ସେ ସବୁ ପଛରେ କହିବି, କେମିତି ଆମେ ଆସିଲୁ । ତୋତେ ଏ ରୋଗ ହେଇଚି ଶୁଣି ତୋତେ ଛାଡିକି ରହି ହେଲାନି । ତୁ ପାଟି କରନା । ଆମେ ତୋତେ ଛୁଇଁବୁନି ନହେଲେ ... । ମୁଁ ନର୍ସ ଡାକ୍ତର ପୋଲିସ ସମସ୍ତଙ୍କୁ କାନ୍ଦିକି କହିକି ଆସିଛି । କେହି କାହାକୁ କହିବେନି । ଓଷଦ ଖାଇଛୁ , ଓଷଦ ପାଣି ଛିଞ୍ଚି ହେଇଚୁ । ବାବୁଲା, ତୋତେ ନଦେଖିକି ରହି ହଉନି । ଯେତେ ବୁଝେଇଲେ ମନକୁ ନା ମୋ ମନ ବୁଝିଲା, ନା ତୋ ବୋଉର । ପୁଅ ମନା କରନି, କି ପାଟି କରନି । ଆମେ ଏ ମେଡିକାଲ ପାଖରେ ଜଣକ ଘରେ ରହିବା ବ୍ୟବସ୍ଥା କରିଛୁ । ସବୁଦିନ ଏମିତି ରାତିରେ ଆସିବୁ । ତୋତେ ଖାଲି ଦେଖିକି ପଳେଇବୁ ।

ବାବୁଲା ବୋଉ : ହଁ ପୁଅ, ତୋତେ ଏଠି ଛାଡି ଆଉ ରହି ହେଉନି । ତୁ ଆମ କଥା ଚିନ୍ତା କରନା । ତୁ ଭଲ ହେଇଯା । ଠାକୁରେ ତୋତେ ଭଲ କରିଦିଅନ୍ତୁ । ମା' ତାରିଣୀ ତୋତେ ଭଲ କରିଦିଅନ୍ତୁ ।

ବାବୁଲା : କଣ କିଛି ମୁଁ ବୁଝି ପାରୁନି ! କେମିତି କଣ ଆସିଲ ? ଏଠି କିଏ ଚିହ୍ନା ଅଛି ? କାହା ଘରେ ରହୁଛ ? ପଇସା କଣ କିଛି ଅଛି ନା ନାହିଁ ? ସରକାରଙ୍କ ଏତେ କଡା କଟକଣା ! ମୋ ମୁଣ୍ଡ କିଛି କାମ କରୁନି !

ବାବୁଲା ବାପା : ତୁ କଣ କାହିଁକି ଏତେ ଚିନ୍ତା କରୁଚୁ କହିଲୁ ? ମୁଁ ବା କହିଲି ଆମେ ସବୁ ବ୍ୟବସ୍ଥା କରିଛୁ । ପରେ ତୋତେ ସବୁ କହିବି । କଣ ତୋର ବାପାର କିଛି ଚିହ୍ନା ନାହିଁ? ଏବେ ତୁ ଏତେ ଚିନ୍ତା କରନି । ପୁଅ ଆମ କଥା ଟିକେ ଭାବେ । ତୋତେ ନଦେଖି ଆଉ ଧୈର୍ଯ୍ୟ ରହିଲାନି । ଆମକୁ ମନା କରନି । ମୁଁ ଏ ରୋଗ ଜାଣିଚି । ସରକାରୀ କଟକଣା ଜାଣିଚି । ସବୁ ବ୍ୟବସ୍ଥା କରିଛି, ନହେଲେ କଣ ଏଠିକି ଆସିପାରି ଥାନ୍ତୁ ! କିନ୍ତୁ କାହାକୁ କିଛି କହିବୁନି । ସମସ୍ତଙ୍କୁ ମୁଁ କହିଛି । ଏଠି କିନ୍ତୁ କେହି ତୋତେ ନା ଆମ କଥା କହିବେ ନା ତୁ କାହାକୁ କହିବୁ । ନହେଲେ ଟୁପୁର ଟାପୁର ହେଲେ ଡାକ୍ତର ପୋଲିସ ବାବୁଙ୍କ ଚାକିରୀ ଯିବ । ତୁ ଏତେ କଥା ଭାବନି ।

ବାବୁଲା : (କିଛି ନ ବୁଝିଲା କଣ୍ଠରେ) ହଉ ଆଉ କଣ କହିବି । ଏ ରୋଗ ତ ଏମିତି । ଏ ରୋଗ ଓଷଦ ବାହାରିନି । ଡାକ୍ତର କେମିତି କଣ ତୁମକୁ ଓଷଦ ଦେଲା ?...ସେ ଅଲଗା ଡ୍ରେସ ଆସିଛି ସେଇଟା ତ ପିନ୍ଧିକି ଆସିନ ?

ବାବୁଲା ବାପା : (ହଡ଼ବଡ଼ ହେଇକି ) ଓହୋ ..ବାବୁ ..., ସେ ଡାକ୍ତର ଆମକୁ ବା ମେସିନରେ ପକେଇକି ମାପିଲେ । ଆମ ଉପରେ ପାଣି ଓଷଦ ଛିଞ୍ଚିଲେ । ପୁଣି ଗଲା ବେଳକୁ ବି ସେମିତି କରିବୁ । ଚମଡ଼ାକୁ ଟାଇଟ କଲାଭଳି ହାତରେ ପିନ୍ଧିଚୁ । ତୋତେ ହାତ ମାରିଲେ ବି ତୁ ଜାଣି ପାରିବୁନି । ତୁ ଯାହା ଭାବିକି ଡରୁଛୁ ସେଇଟା ନୁହଁ । ମୁଁ ବ୍ୟବସ୍ଥା କରିନଥିଲେ ଆସିଥାନ୍ତୁ ଆମେ କାହିଁକି ? ତୋ ବୋଉର କାନ ଫୁଲ ଥିଲା ସେଇଟାକୁ ବଣିଆକୁ ଦେଇ କିଛି ପଇସା ଆଣିଲି । ସେଥିରେ ଏଠି ଆସିକି ରହିଛୁ । ଦରକାରି ଜିନିଷ କିଛି କିଣିଚୁ । ଓଷଦ ବି ଅଛି । କେତେ ରୋଗ ହେଇଚି, ଭଲ ହେଇଚି । ତୁ କଣ ଜାଣିନୁ ? ଏତେ କରି ପୋଲିସ ଡାକ୍ତର ନର୍ସ ସମସ୍ତଙ୍କୁ କହିଲି ବ୍ୟବସ୍ଥା କଲି, ସବୁ ବୁଝିଲେ ।

Original Free Copy

ତୁ ତ ଚାହୁଁନୁ...ଆଉ କଣ କରିବୁ...? ଆମେ ବୁଢା ବୁଢ଼ୀ ଯେମିତି ତୋତେ ଦେଖିବୁ ବୋଲି ଏତେ କଥା ।

ବାବୁଲା : (ଅଶାନ୍ତ ମନରେ) ହଉ ଠିକ ଅଛି । ଆଉ ମନ ଦୁଃଖ କରନି । ମୁଁ ଚାହୁଁନି ଯେ ତୁମର କଣ ହେଉ । ସେଥିପାଇଁ ବ୍ୟସ୍ତ ହେଇଯାଉଛି । ଏପଟେ ତୁମ ସ୍ନେହ..., ମୁଁ ସହି ପାରୁନି । ହଉ ..ଠିକ ଅଛି ... । ହେଲେ ଗୋଟେ କଥା, ମୁଁ ତ କାହାକୁ କିଛି କହିବିନି କି ପଚାରିବିନି କିନ୍ତୁ ସବୁ ଦିନ ଡାକ୍ତର କଥା ଅନୁସାରେ ଓଷଦ ହଉ କି ଅନ୍ୟ ସବୁ ବ୍ୟବସ୍ଥା କରିକି ଆସିବ । ଯେମିତି ତୁମର କିଛି ଅସୁବିଧା ନହୁଏ । ବାପା ତୁମେ ବୋଉ କଥା ବୁଝୁଥିବ । ମୋ ବ୍ୟାଙ୍କ ଖାତାରେ ପଇସା ଅଛି । ଦରକାର ହେଲେ ବୀଣା ଅପାକୁ କହିବ, ସେ ଦେଇଥାଉ । ମୁଁ ଆସିଲେ, ଯାହାଠୁ ଯାହା ଖର୍ଚ୍ଚ ହେଇଥିବ, ମୁଁ ସବୁ ଫେରେଇଦେବି ।

ବାବୁଲା ବୋଉ : ହଉ ଠିକ ଅଛି । ପୁଅ, ଗୋଡ ଦେଖା, ଟିକେ ଘଷି ଦିଏ ? ମୁଁ ଡାକ୍ତରକୁ କହିକି ଆସିଛି । ହାତରେ କଣ ଗୋଟେ ପିନ୍ଧିଚି ! ଆମର କିଛି ହବନି । ଦେ... ଗୋଡ ଦେଖା ।

ବାବୁଲା : ନାଇଁ ନାଇଁ ମୋତେ ଛୁଅଁନା ।

ବାବୁଲା ବୋଉ : ଆରେ ଦେଖ, ତୋ ବାପା ଆଉ ମୁଁ ବା ଦିଜଣ ...ଦେଖ ଆମେ ବା ହାତରେ ପିନ୍ଧିଚୁ ।

ବାବୁଲା : ନାଇଁ ନାଇଁ ଥାଉ ଥାଉ ।

ବାବୁଲା ବୋଉ : ଆରେ ଦେଖ ..., ଛୁଇଁଲା ଭଳି ଲାଗିବନି ।

ବାବୁଲା : ଆରେ ସତେ ତ । ତୁ ମୋତେ ଛୁଁଉଚୁ, ଜମା ଜଣାପଡୁନି । ଆଲୁଅ ଲଗେଇଲେ କାଳେ କିଏ ଅନ୍ୟ ରୋଗି ଜାଣିବ, ନେହେଲେ ମୁଁ ଦେଖି ଥାନ୍ତି ସେ ମ୍ୟାଟେରିଆଲ । ସୁରତରେ ପ୍ଲାଷ୍ଟିକ କାରଖାନାରେ ଏମିତି କେତେ ଜିନିଷ ତିଆରି ହଉଚି । ବହୁତ ପଇସା କିନ୍ତୁ ବୋଉ ଶୁଣୁ, କେତେ ଟଙ୍କା ଖର୍ଚ୍ଚ ହଉଚି ମୋତେ କହିବୁ । ମୋ ପାଖରେ

Original Free Copy

ପଇସା ଯାହା ଅଛି ସେଥିରେ ହଉ କି ନହେଲେ ମୁଁ ବହୁତ କାମ ଜାଣିଚି, କାମ କରିକି ଶୁଝି ଦେବି । ଏତିକି ତ ନିଶ୍ଚିତ କରିଦେବି ।

ବାବୁଲା ବାପା : ତୁ କିଛି କରିବା ଦରକାର ନାହିଁ । ଏତେ ଚିନ୍ତା କରନା । ଆମେ ଖାଲି ତୋତେ ଦେଖିଲେ ଆମର କିଛି ଅସୁବିଧା ହେବନି । ଆମେ ସେ ସବୁ ବୁଝିବୁ, ତୁ ଖାଲି ଭଲ ହେଇଯା । ହଉ ଆମେ ଯାଉଛୁ କାଲି ଆସିବୁ । ବାବୁଲା, ମନେରଖ, ଆମେ ଆସିକି ଦେଖିକି ଯାଉଛୁ ବୋଲି ଆଉ କାହାକୁ କହିବୁନି କି ପଚାରିବୁନି । ଏଠି ଡାକ୍ତର ନର୍ସ ସବୁ ଜାଣିଛନ୍ତି ।

ବାବୁଲା : ହଉ, ଜାଣିଚି, ମୁଁ କାହାକୁ କିଛି ପଚାରିବାର ନାହିଁ ।

**ଦୃଶ୍ୟ ୨୫ : ରାତି ପାହିବାକୁ ବସିଛି । ସରପଞ୍ଚ, ବୀଣା ବାପା, କାଶିଆ, କାନୂଆ କଥା ବାର୍ତ୍ତା**

କାନୂଆ : ସରାପଞ୍ଚେ କଣ କରିବା । ବୁଢା ବୁଢ଼ୀ ଶବ ପଡିଛି । ମୋ ବଡବାପା ହବ ସେ । ଆମେ କାମ ବଢ଼େଇଲେ ହେବନି ? ପୁଅ ତ ରୋଗି, ତାକୁ ଆଉ କାହିଁକି ଖବର ଦେବା ? ସେ ଜାଣିଲେ ସେ ସେଠି ରହିବନି ଆଉ ସ୍ଥିତି ସମ୍ଭାଳିବା କଷ୍ଟ ହେବ । ମନ ଖରାପରେ, ତାର ବି କଣ ହେଇଯାଇପାରେ । ଏ କରୋନା ରୋଗ ।...ତାର ରୋଗ ବି ଭଲ ହେବା ଅସୁବିଧା ହେବ । ସରକାରଙ୍କ କଟକଣା ଅଛି । ଆଉ ଗାଁ ବାଲା ବି କେହି ଚାହୁଁ ନାହାନ୍ତି । ଆମେ ପୁତୁରା ହେବୁ । ଆମେ ଶବ ଦାହ କରିବୁ ...କଣ କହୁଚ ?

ସରପଞ୍ଚ ବାବୁ : ହଁ ଠିକ କଥା । କଥା ଟା ଯେମିତି ବାବୁଲା ପାଖକୁ ନ ଯିବ ସେ ବ୍ୟବସ୍ଥା ମୁଁ କରି ଦେଉଛି । ଆଉ ହଁ କେହି ଏ କଥା ମେଡ଼ିକାଲକୁ ନେବନି । ସେ ଥାଉ, ପରେ ସେ ଟୋକା ଭଲ ହେଇକି ଆସୁ ...ବୁଝେଇଦେବା ତାକୁ... ।

ବୀଣା ବାପା : ହଁ ସେଇଆ କର ।

**ଦୃଶ୍ୟ ୨୬ : ପର ରାତି ବଡ ମେଡିକାଲ ରୁମରେ...**

ବାବୁଲା ବାପା : ବାବୁଲା , ଏ ବାବୁଲା ... । ପୁଅ ଶୋଇଚୁ ?

ବାବୁଲା : ବାପା, ବୋଉ କାହିଁ ?

ବାବୁଲା ବୋଉ : ହଁ, ଅଛି ବା ଏଇଠି । ଦେ, ତୋ ଗୋଡ ଟିକେ ଘଷିଦିଏ । ଆଉ ଦେହ ଭଲ ଲାଗୁଚି ଟି ?

ବାବୁଲା : ହଁ ଡାକ୍ତର କହୁଛନ୍ତି କାଲିଠୁ ବେଶୀ ଶୀଘ୍ର ଭଲ ହଉଚି । ...ତୁମେ ଦିଜଣ ଆସିଲ ତ, ସେଥିପାଇଁ ବୋଧେ ଶୀଘ୍ର ଭଲ ହେଇଯିବି... ।

ବାବୁଲା ବୋଉ : ହଁ, ଭଲ ହେବ । ନହେଲେ ମୁଁ, ତୋ ବାପା, ଠାକୁରଙ୍କ ପାଖରେ ଝଗଡା କରିବୁ ।

ବାବୁଲା ବାପା : ଓହୋ, ତମେ ସେ କଥା ବନ୍ଦ କର । ଆରେ ବାବୁଲା କାହାକୁ କିଛି କହିନୁ ତ?

ବାବୁଲା : ନା' ତ ! ବାପା ତମେ ଭଲ ଅଛ ଟି ?
ବାବୁଲା ବାପା : ହଁ ହଁ, ଆମେ ଠିକ ଅଛୁ । ଆଉ ଏଠିକି ସବୁବେଳେ ଆସିଲେ ଡାକ୍ତର କହୁଛି ଆମର ବି ନମୁନା ପରୀକ୍ଷା କରିବ । କାଳେ ତୋ ଦେହରୁ ଆମକୁ ଆସିବ । ଆମେ ଓଷଦ ଖାଉଚୁ । ପ୍ରତିଦିନ ସେ ଆମକୁ ମିଟର ପକେଇକି କଣ ମାପୁଛନ୍ତି । କିଛି ନାହିଁ ... । ତୁ ସେଥିରେ ମୁଣ୍ଡ ପୁରାନି । ତୁ କେମିତି ଖୁସି ମନରେ ରହ ଭଲ ହେଇଯା । ବହୁତ ଇଛା ଥିଲା ତୋ ପାଇଁ ରାତିରେ ଆମ୍ବ ଟିକେ ଆଣନ୍ତି ।

ବାବୁଲା : ନା ନା ... । ଏଠିକି କିଛି ନେଇକି ଆସିବନି । ସବୁ ପ୍ଲାନ ତମର ଖରାପ ହେଇଯିବ । ଏଠିକି କେମିତି ଆସୁଛ, ସେଇଟା ବଡ କଥା । ସେ ଥାଉ, ମୁଁ ଗଲେ ଘରେ ଖାଇବିନି ? ମୁଁ ବା ବଡ ହେଲିଣି ।

ତୁମ ମନ କଥା ବୁଝି ପାରୁଛି । ତୁମେ ଦିଜଣ ଜମା ରାତିରେ ଶୋଉନା । ମୋ ପାଖକୁ ଆସୁଛ  । ଦିନରେ ଶୋଉଛ ଟି ?

ବାବୁଲା ବୋଉ : ସବୁ କାମ ତ ବନ୍ଦ । ଦିନରେ କଣ ଦିଟା ଖାଇକି ଶୋଉଚୁ। ଆଉ ରାତିରେ ତୋତେ ଦେଖିଲେ ସବୁ ଭୋକ ଶୋଷ ପଳାଉଛି । ଗୋଡ ଭଲ ଲାଗିଲା ଟିକେ... ।

ବାବୁଲା : ହଁ, ତୁ ହାତ ମାରିଦେଲେ ଗୋଡ ପୁରା ଫ୍ରି ଲାଗୁଚି ।

ବାବୁଲା ବାପା : ହଉ ଆମେ ଯାଉଛୁ ।

## ଦୃଶ୍ୟ ୨୭ : (ମୃତ) ବାବୁଲା ବାପା ଆଉ ବାବୁଲା ବୋଉ କଥା ବାର୍ତ୍ତା

ବାବୁଲା ବାପା : ବାବୁଲା ବୋଉ, ଶୁଣ, ଠାକୁରଙ୍କୁ ବହୁତ ଧନ୍ୟବାଦ । ମୋର ତ ଜ୍ଞାନ ନାହିଁ । ବଞ୍ଚିଥିଲେ ସିନା ଶରୀର ଥାଇକି ପୁଅକୁ ଦେଖିବାକୁ ସରକାର ମନାକଲେ, ପୋଲିସ ମନାକଲେ, ପୁଅକୁ ଦେଖାକଲେ ରୋଗ ହେଇଯିବ କାଳେ ! ପୁଣି ଗାଁରେ ରୋଗ ଖେଳି ଯିବ, କି ଗାଁ ଲୋକ ରୋଗରେ ପଡିଯିବେ, ଆମକୁ ପାପ ଲାଗିଥାନ୍ତା । ହେଲେ ଏ ବାଟ ଟା ଠିକ ହେଲା । ଠାକୁର ଦୟା ନକରିଥିଲେ ଜୀବନ ଯାଇ ନଥାନ୍ତା । ତାଙ୍କ ଦୟାରୁ କାହାର କିଛି ଅସୁବିଧା ନାହିଁ । ଏବେ ତ ଆମେ ପୁଅ ପାଖକୁ ଆସିକି ଆରାମରେ ଯିବା ଆସିବା କରି ପାରୁଛେ । ଖାଲି ପ୍ରଭୁ ମୋ ପୁଅକୁ ଭଲ କରିଦିଅନ୍ତୁ ।

ବାବୁଲା ବୋଉ : ତମେ ଆଉ ଗୋଟେ କଥା ଭୁଲି ଯାଉଛ । ସେ ଯେତେବେଳେ ଜାଣିବ ଆମେ ଦୁନିଆରେ ନାହେଁ, କଣ ହେବ ମୁଁ ସେକଥା ଭାବୁଛି । ଆମେ ଆମ ଜୀବନ ବଞ୍ଚି ସାରିଥିଲେ । ଏ ପିଲାଟା ଯେତିକି ଆମକୁ ଭଲ ପାଏ, ଆମକୁ ନଦେଖିକି, କଣ ଯେ ହେବ ....? ଆମେ ସ୍ୱାର୍ଥପର ହେଲେ କି ? ତାକୁ, ଡାକ୍ତର ଆଉ ପୋଲିସର ମିଛ କଥା କହିଲେ । ଭଲରେ ପୁଅକୁ ଦେଖି ଆମେ ଖୁସି ପାଇଲେ । ଆମ

ପୁଅ କଣ ପାଇଲା ? ସେ ଯେତେବେଳେ ଜାଣିବ, ତା ବାପା ବୋଉ ଆଉ ନାହାନ୍ତି ସେ କଣ ଖୁସି ପାଇବ...? ହେ ମା' ଏତେ କଥା ଆମେ ମୂର୍ଖ ଲୋକ ଜାଣିପାରୁନା ।...ମା ବାପାର ହୃଦୟ, ଦୁଃଖ ସହି ହେଲାନି ବୋଲି ଏମିତି ହେଲା । ମୋ ପୁଅକୁ ସେତେବେଳେ ତୁ ସାହା ହେବୁ । ମୋ ପୁଅକୁ ବଳ ଦେବୁ, ଧର୍ଯ୍ୟ ଦେବୁ । ମୋ ପୁଅ ଭଲ ହେଇଯାଉ କେମିତି ।

ବାବୁଲା ବାପା : ତୁମେ ସେସବୁ ଚିନ୍ତା କରନି । ଠାକୁର, ମନ କଥା ବୁଝିଲେ ବୋଲି ଆମର ଜୀବନ ଟା ଛାଡିଲା, ନହେଲେ ଜୀବନ ମରଣ ବା ତାଙ୍କ ହାତରେ... । ସେ ବା ଦୁଃଖ ଜାଣିଲେ ବୋଲି ଦୟା କଲେ । ବାବୁଲାକୁ ସେ ସମ୍ଭାଳିବେ । ଜୀବନ ଯାକର ପୂଜା ବଦଳରେ ମୋ ପୁଅ ଜୀବନ ସେ ନିଶ୍ଚୟ ରକ୍ଷା କରିବେ । ଏ ବିଶ୍ୱାସ ମୋର ଅଛି ଆଉ ତମେ ବି ରଖ ।

**ଦୃଶ୍ୟ ୨୮ : ୩୦ ଦିନ ପରେ ସେମିତି ଏକ ରାତିରେ ବଡ ମେଡିକାଲ ରୁମରେ...**

ବାବୁଲା ବାପା : ବାବୁଲା, ଶୋଇଛୁ ପୁଅ...?

ବାବୁଲା : ବାପା ମାସେ ହେଲାଣି । ଡାକ୍ତର କହୁଛନ୍ତି ମୁଁ କାଲି ଠିକ ହେଇଯିବି ।

ବାବୁଲା ବୋଉ : ଯାହା ହଉ ଠାକୁର ମୋ ଡାକ ଶୁଣିଲେ । ଆଉ ମା' ବି ଦୟା କଲେ... । ମା' ଲୋ ତୋତେ କୋଟି କୋଟି ମୁଣ୍ଡିଆ ମାରୁଚି ...ଲୋ ମା ...।

ବାବୁଲା : ହଁ, କାଲି ବାହାରିବି ମେଡିକାଲରୁ । ଆଉ ବୋଉ କାଲି ତୋ ହାତରୁ ଚକୁଳି ପିଠା ଖାଇବି । ଆଜି ଦିଜଣ ଯାକ ଶୀଘ୍ର ପଳେଇବ । କାଲି ଚକୁଳି ପିଠା କରି ରଖିଥିବୁ ।

Original Free Copy

ବାବୁଲା ବୋଉ : ହଉ କାଲି ଆସିଲେ ଖାଇବୁ ଆଉ । ଏବେ ଗୋଡ ଦେଖା ମୁଁ ଟିକେ ଘଷି ଦିଏ ।

ବାବୁଲା : ବୋଉ, ସୁରତରେ ଥିଲା ବେଳେ ମୁଁ ରାତିରେ ଶୋଇଲା ବେଳେ ମନେ ମନେ ଭାବେ, ତୁ ମୋ ଗୋଡରେ ତେଲ ଘଷି ଦେଉଛୁ । ତାପରେ ନିଦ ହେଇଯାଏ । ହଉ, କାଲି ଆଗ ଚକୁଳି ଖାଇବି ...ତାପରେ ଯାହା ।

ବାବୁଲା ବାପା : ହଁ, ତୋ ପାଇଁ ଆମ୍ଭ କିଣିକି ସେ ଦାଣ୍ଡଘରେ ଥାକରେ ରଖିଛି, ତୁ ଖାଇବୁ ।

ବାବୁଲା : କଣ ବା ? ମୁଁ ଖାଇବି କଣ ? ମୁଁ ଖାଇବି କଣ କହୁଚ, ସମସ୍ତେ ଖାଇବା ଏକାଠି...ହଉ ମୁଁ କାଲି ଯାଏ ।

ବାବୁଲା ବାପା : ନାଇଁ, ଆମେ କାଲି ତୋ ଦେହ ଭଲ ହେବ ମାନସିକ ପାଇଁ ପୂଜା କରିବାକୁ ଯିବୁ । ତୋ ବୋଉ ଚକୁଳି କରିକି ରଖିଥିବ । ତୁ ଖାଇକି ଘରେ ଥିବୁ । ଆମେ ଆସିଲେ ଖାଇବା । ଠାକୁର ଆମ ମାନସିକ ପୁରଣ କଲେ, ଆଉ ଆମେ କେମିତି ପୂଜା କରିବାନି ? ଆଉ ବାବୁଲା ଗୋଟେ କଥା କହିବି ଭାବୁଛି । ବୋଉ ଆଉ ମୋ କଥା ଗୋଟେ ରଖିବୁ?

ବାବୁଲା : କଣ କହୁନ ? କଣ କିଛି ଅସୁବିଧା ହେଲା କି ? କଣ କୁହ ...?

ବାବୁଲା ବାପା : ନାଇଁ, କିଛି ଅସୁବିଧା ନାହିଁ ।...ତୁ ସୁରତ ଗଲୁ । ଦି ବର୍ଷ ତୋତେ ନଦେଖିକି କେମିତି ଆମେ ରହିଛୁ, ଆମେ ଜାଣିଚୁ । ଏବେ ମାସେ ହେଲାଣି ତୋତେ ଦେଖୁଚୁ । ମନ ଆମର ବହୁତ ଖୁସି । ଆମେ ବୁଢା ବୁଢ଼ୀ ହେଲୁଣି । ପୁଅ ଯଦି ଆମର କଣ ହେଇଯାଏ, ତୁ କେବେ ଅଧର୍ଯ୍ୟ ହେବୁନି । ଆମ ଦିଜଣଙ୍କ ରାଣ ରହିଲା ତୋତେ ।

ବାବୁଲା : କଣ ଗୋଟେ ବେକାର କଥା କହୁଚ ! ରାତିରେ ଶୋଉନା । ମୋତେ ଦେଖାକରିବାକୁ ଆସୁଛ । ତୁମେ ମୁଣ୍ଡ ଖରାପ ହେଇଗଲାଣି । ଯାଅ, କାଲି ଘରେ ଯାହା କଥା ହେବ ।

ବାବୁଲା ବାପା : ନା, ତୁ କହ । ଆମ ଦିଜଣଙ୍କ ରାଣ ତୁ କେବେ ମନ ଦୁଃଖ କରିବୁନି ।

ବାବୁଲା : ହଉ ହେଲା... । ତୁମେ ଆଉ ସେ ବେକାର କଥା କୁହନି । ତମର କିଛି ହବନି । ତୁମେ ଯା ... । ମୁଁ ବା କହିଥିଲି, ତମେ ମୋତେ ମୁଁ ବୁଢା ହେଲା ପର୍ଯ୍ୟନ୍ତ ପୋଷିବ...ଆଉ ବୋଉ ବୁଢ଼ୀ ହେଲା ପର୍ଯ୍ୟନ୍ତ ମୋର ଗୋଡ଼ରେ ତେଲ ମାଲିସ କରିବ । ତୁମେ କଣ ଭାବୁଛ କି ? ଆଉ ସୁରତ ଫୁରତ ଯିବାର ନାହିଁ । କାଲିଠୁ ଦିଜଣ ଯାକ ମୋ ସେବାରେ ଲାଗିବ । ତୁମର କାହାର କିଛି ହବନି । ହଉ ଯା' କାଲି ଘରେ କଥା ହେବା ।

**ଦୃଶ୍ୟ ୨୯ : ବାବୁଲା ବଡ ମେଡିକାଲ୍‌ରୁ ଆମ୍ବୁଲାନ୍ସରେ ଗାଁକୁ ଫେରୁଛି । ରାସ୍ତାରେ ମନେ ମନେ ଭାରି ଖୁସି । ଗାଁରେ ଆମ୍ବୁଲାନ୍ସରୁ ଓହ୍ଲେଇ ଚାଲି ଚାଲି ଗାଁ ଭିତରକୁ ଯିବାର**

ବାବୁଲା : ନମସ୍କାର ଧନିଆ ମଉସା । ମୁଁ ଭଲ ହେଇ ଗଲି । ଆଜି ତ ଏବେ ମୋତେ ଆମ୍ବୁଲାନ୍ସ ଛାଡିକି ଗଲା । ଆରେ ନରି ମାମୁଁ ! ନମସ୍କାର, ତୁମେ କୁଆଡେ ବା ? ...ମିଟୁ କଣ ଆସିଛି କି ?

ନରି ମାମୁଁ : ହଁ... । ତୁ ଆସିବୁ ଖବର ପାଇଥିଲି । ଭୋରୁ ଆସିକି ଅପେକ୍ଷା କରିଛି ।

ବାବୁଲା : ହଉ ହଉ ଚାଲୁନା ଘରକୁ । ଚାଲ ଚାଲ ... । ଦାଣ୍ଡରେ କଣ ଠିଆ ହେଲ ? ଟିକେ ରୁହ ମୁଁ ବୀଣା ଅପା ଘରୁ ଚାବି ନେଇକି ଆସେ । ବାପା ବୋଉ, କଣ ମାନସିକ ପୂଜା ଥିଲା, ଆସିନାହାନ୍ତି ବୋଧେ ।

Original Free Copy

ଚାବି ପକେଇକି ଯାଇଛନ୍ତି । ଆରେ ବୀଣା ଅପା, କଣ ମୋ ଫୋନ ଉଠାଉନ ? ଦିଅ, ଚାବି ଆଣିଲ ।

ନରି ମାମୁଁ : ଆରେ ମା ବୀଣା, ତୁ ଘର ତାଲା ଖୋଲିଲୁ । ହଉ, ବାବୁଲା ଚାଲ ଆଗ ଘର ଭିତରକୁ ଚାଲ ।

ବାବୁଲା : ନରି ମାମୁଁ, ଆସ ଏଠି ବସ । ବାପା ବୋଉ କଣ କାଲି କହୁଥିଲେ, ପୂଜା କରିବାକୁ କୁଆଡେ ଯାଇଛନ୍ତି? ଆସନ୍ତୁ ସେମାନେ, ଯିବ ଆଉ । ବଟ କିରେ, ଆସୁନୁ ଘର ଭିତରକୁ । ବୀଣା ଅପା, କଣ କୁଆଡେ ଯାଉଛ? ଦାଦା ଅଛନ୍ତି ଟି ? ...ଏ ହେଇ, ଦାଦା, ନମସ୍କାର । ...ଆସୁନ, ଆସ ଘର ଭିଅତରକୁ ।

ବୀଣା ବାପା : ହଁ, ମୁଁ ଶୁଣିଲି ବା । କିରେ ବାବୁଲା କଣ ତୁ ଠିକ ଅଛୁ ତ ? କଣ ଏମିତି କହୁଚୁ ? ବାପା ବୋଉ କୁଆଡେ କାଲି ...କଣ କହିଲେ !

ବାବୁଲା : ହଁ, ତ ... ।

ନରି ମାମୁଁ : ଆରେ କଣ କହୁଚୁ ? ବାପା ବୋଉ କାଲି ତୋତେ କହିଲେ, କୁଆଡେ ପୂଜା କରିବାକୁ ଯାଇଛନ୍ତି !

ବାବୁଲା : ହଁ, ତ । ମୋର ଦେହ ଭଲ ହେବା ପାଇଁ ସେ ମାନସିକ ରଖିଥିଲେ ଆଉ କାଲି ଜାଣିଲେ ମୁଁ ଆଜି ଭଲ ହେଇକି ଫେରିବି, ବୋଲି ଆଜି ପୂଜା ସାରିବାକୁ ଯାଇଛନ୍ତି । ବୋଉ ବା ପିଠା କରିକି ହାଣ୍ଡିଶାଳେ ରଖିକି ଯାଇଥିବ କହିଥିଲା । ଏ ବୀଣା ଅପା, ଦେଖିଲୁ ହାଣ୍ଡିଶାଳ । ଚକୁଳି ପିଠା ଅଛି ଟି ? ହେଇ ଦେଖୁନ ... । ବାପା କହିଥିଲେ ସେ ଥାକରେ ଆମ୍ବ ଥୁଆ ହେଇଚି ।

ବୀଣା : ବାପା, ହଁ । ହାଣ୍ଡିଶାଳରେ ଚକୁଳି ରଖାହେଇଚି । ଏବେ ସକାଳେ ହେଲା ପରି ଲାଗୁଚି ।

ବୀଣା ବାପା : ହେ ଭଗବାନ !

Original Free Copy

ବାବୁଲା : କଣ ବା ? ଦାଦା, ଏମିତି କଣ ଅନେଇଚ ?

ନରି ମାମୁଁ : ଆରେ ବାବୁଲା , କାଲି ସତରେ ତୋ ବାପା ଦେଖା ହେଇଥିଲା...?

ବାବୁଲା : କଣ ତୁମେ ଏମିତି ଚମକୁଛ କଣ ? କାହାକୁ କହିବନି, ବାପା ବୋଉ ମାସେ ହେଲାଣି ରାତିରେ ଚୁପ ଚାପ ମୋତେ ପ୍ରତିଦିନ ମେଡିକାଲରେ ଦେଖା ହୁଅନ୍ତି । ଆଉ ବୁଢା ଲୋକ, ସମ୍ଭାଳି ପାରିଲେନି । କଣ କେମିତି କରି ଡାକ୍ତର ପୋଲିସକୁ କୁହା କୁହି କରି ସବୁବେଳେ ରାତିରେ ଦେଖା ହେବାକୁ ଯାନ୍ତି । କାଳେ କିଏ କଣ କହିବ କାହାକୁ ଜଣେଇ ନଥିବେ ।

ନରି ମାମୁଁ : ଏ ମା ବୀଣା ଟିକେ କୁସିଆକୁ ଡାକେ । ବାବୁ ବଟ ତୁ ଟିକେ ଯାଇକି... ସରପଞ୍ଚକୁ ମୁଁ କହିକି ଆସିଥିଲି, ଟିକେ ଯାଇକି ଶୀଘ୍ର ଡାକିକି ଆସିଲୁ ।

ବୀଣା ବାପା : ଆରେ ବାବୁଲା ତୁ ଆଗ ସେ ଚକୁଳି ଖାଇଦେ ।

ବାବୁଲା : ନାଇଁ କୁହ କଣ ହେଲାକି ? ଶିବ ଦାଦା, ନମସ୍କାର । ଆସୁନ, ଭିତରକୁ ଆସ । ଆଉ କିଏ ବା ...? ଆରେ ସରପଞ୍ଚ ମଉସା, ନମସ୍କାର । ଭଲ ମୋ ପାଇଁ ଏତେ ଲୋକ ! ସରକାର କଣ କିଛି କଟକଣା କରିଛନ୍ତି ନା ଆଉ କଣ ? ବୀଣା ଅପା ଆଉ ଗୋଟେ ମସିଣା ପରିଦେଲୁ ।...ମଉସା ଆସ, ବସ ।

ସରପଞ୍ଚ ବାବୁ : (ସମସ୍ତଙ୍କୁ ସଭା ହେଲା ଭଳି କଥା କହିବା ) ବାବୁଲା, କରୋନା ରୋଗରେ ତୁ ବଡ ମେଡିକାଲ ଯେବେ ଗଲୁ, ସେ ଖବର ପାଇ ତୋ ବାପା ମୋ ପାଖକୁ ଆସିଥିଲା । ତାପରେ ଦି ଦିନରେ ଏମିତି ଅଘଟଣ ହେଇଗଲା । ବୁଢା ବୁଢ଼ୀ ଦିଜଣ ମାସେ ହେଲାଣି ଜୀବନ ଛାଡି ଦେଲେଣି ।...ତୁ ବାପା ନିଜକୁ ସମ୍ଭାଳେ । ଆମେ ସବୁ ଅଛୁ । ତୁ ବାହାରେ ଚଳିଛୁ । ଏ ରୋଗରେ ତୋତେ ଖବର ଦେଲେ

Original Free Copy

ବି ସରକାରଙ୍କ କଟକଣାରେ ତୋତେ ଛାଡି ନଥାନ୍ତେ । ତୋ ଦେହ ବି ଭଲ ହେବା ଦରକାର ଥିଲା । ପୁତୁରା ମାନେ ସବୁ ଯାହା ପାଳିବା କଥା ପାଳିଛନ୍ତି । ତୁ ବାବୁଲା, ନିଜକୁ ସମ୍ଭାଳେ । ଯାହା ହେବାର କଥା ହେଲାଣି ...।

ବାବୁଲା : (ଅଚେତ ହେଇଗଲା. ..ଆଉ ଟିକେ ପାଣି ମରିଲାରୁ ଚେତା ଫେରି କହିଲା) ନରି ମାମୁଁ, ମୁଁ ଅନାଥ ହେଇଗଲି । ମାମୁଁ ମାସେ ହେଲାଣି ? ...ହଁ, ହଁ, ମୋର ମନେ ଅଛି ... । ମେଡିକାଲରେ ବୋଉ ଯେତେବେଳେ ମୋ ଗୋଡ ଘଷି ଦେଉଥିଲା, ମୁଁ ଆଜି ଜାଣି ପାରୁଛି ଯେ କଣ ପାଇଁ ମୋତେ ନ ଛୁଇଁଲା ପରି ଲାଗୁଥିଲା ... । ବୋଉ ବାପା ମୋତେ ମିଛ କହିଥିଲେ ଯେ କଣ ହାତରେ ପିନ୍ଧିଛନ୍ତି ! ...ବାପା ବୋଉ ...ମୋ ଭଳିଆ ଅଭାଗା ପୁଅ ପାଇଁ ଜୀବନ ଦେଇଦେଲ ? ତୁମ କଥା ଶୁଣିଲିନି, କାହିଁ ବାହାରକୁ ଗଲି, କଣ ହାରିଲି କଣ ପାଇଲି···? ବୋଉ ବାପା ... ।

ନରି ମାମୁଁ : ଆରେ ବାବୁଲା ସମ୍ଭାଳେ ନିଜକୁ । ସେ ଭଳିଆ ବାପା ବୋଉ ଦୁନିଆରେ ନାହାନ୍ତି । ଶରୀର ରହିଲେ ପୁଅକୁ ଦେଖା କରିହେବନି, ସରକାର କଟକଣା କରିଛନ୍ତି, ତଥାପି କାଳେ ତୋତେ ଦେଖାକଲେ ଗାଁରେ ରୋଗ ବ୍ୟାପିବ, ସେଥିପାଇଁ ତୋତେ ଦେଖା କରିବାକୁ ଦେହ ଛାଡିଦେଲେ । ପୁଅକୁ ଦେଖା କରିବେ ବୋଲି ବୁଢା ବୁଢ଼ୀ କେତେ ସୀମା ଟପିଗଲେ ଯେ କେହି ବୁଝିବା କଷ୍ଟ... ।

ବାବୁଲା : ନା, ନା ମୁଁ ବୁଝି ପାରୁଛି । ...ହଁ ମାମୁଁ ...। ବୁଝିଲ ମାମୁଁ, ମୋ ବୋଉ ବାପା ଅପାଠୁଆ । ହେଲେ ପୁଅ ପାଇଁ ଏ ମହାମାରୀରେ ଜୀବନ ଦେଇଦେଲେ । ସରକାରକୁ ମାନିଲେ, ପୋଲିସକୁ ମାନିଲେ, ଗାଁ ଲୋକଙ୍କୁ ମାନିଲେ, ହେଲେ ମୋ ଭଳି କୁଳାଙ୍ଗାର ପୁଅଟା ପାଇଁ ସ୍ନେହ ଏତେ ଥିଲା ଯେ ଏତେ ବଡ ମହାମାରୀ ରୋଗକୁ ମାନିଲେନି । ଏ ମହାମାରୀ ରୋଗ ଭିତରେ ପୁଅଟାକୁ ଟିକେ ଦେଖିବାକୁ, ପୁଅଟାକୁ ଟିକେ ଭଲ ପାଇବାକୁ ନିଜେ ଏମିତି ରାସ୍ତା ବାଛିନେଲେ ଯେ କାହା ପାଖରେ ଦୋଷୀ ହେଲେନି କି କାହାର କିଛି କ୍ଷତି ହେଲାନି । ଜୀବନ

ମହାମାରୀର ଆର ପାରିରେ...

ଦେଇ ପୁଅ ପ୍ରତି ସ୍ନେହ ମମତାକୁ ଏ ମହାମାରୀ ଆଗରେ ଜିତେଇଦେଲେ । ବାପା ବୋଉ ...ବାପା ବୋଉ ... ବାପା ବୋଉ... ।

...ସମାପ୍ତ

Original Free Copy

ମହାମାରୀର ଆର ପାରିରେ...

Original Free Copy

ସମାଜ ବା ପରିବାର ବିନା ମଣିଷ ବଞ୍ଚିବା ଏକ ପ୍ରକାର କାଠିକର ପାଠ । ଏ ମଣିଷ ସବୁ ଜାଣେ । ସଂସାର ମୋହ ମାୟା ସବୁ ଜାଣେ । କିନ୍ତୁ ସମ୍ପର୍କର ବନ୍ଧନରୁ କେବେ ନିଜକୁ କାଢ଼ିପାରେନି । ବାପା, ମା, ଭାଇ ଭଉଣୀ ଆଦି ସମ୍ପର୍କ ଯେମିତି ଚିର ଦିନ ପାଇଁ ଏମିତି ଭାବନାରେ ମଣିଷ ବଞ୍ଚେ । କାଗଜରେ ଚୁକ୍ତି ବା ଘରେ ଘରେ ଇଟା ସିମେଣ୍ଟରେ କାନ୍ଥ ବାଡ, ସମ୍ପର୍କରେ ଦୃଶ୍ୟମାନ ଭାଗ କରିଦିଏ କିନ୍ତୁ ମନରେ କୋଉଠି ନା କୋଉଠି ସେ ସମ୍ପର୍କ ସେମିତି ଥାଏ । ଆଉ ମୃତ୍ୟୁ ପରେ ବି ସେମିତି ଥାଏ କି ନଥାଏ, କିଏ ଜାଣିବ । ବିପଦ ଆପଦ ହେଉ ବା ଉତ୍ସବ, ସମ୍ପର୍କୀୟ ମାନଙ୍କ ଉପସ୍ଥିତି ମଣିଷକୁ ସାମାଜିକତାର ପ୍ରମାଣ ପତ୍ର ଦିଏ । ଯେକୌଣସି ମହାମାରୀର ବା ମହା ବିପତ୍ତି ସମୟରେ ମଣିଷ ନିଜ ସମ୍ପର୍କୀୟ ମାନଙ୍କ ପାଖରେ ବାତ୍ସଲ୍ୟ ଭାବ ପ୍ରକାଶ ନ କରି ରହି ପାରେନି । ସେ ବାତ୍ସଲ୍ୟ ଯଦି ବାପା ଓ ମା'ଙ୍କର ସନ୍ତାନ ପ୍ରତି କେମିତି ଥାଏ, ପ୍ରଶ୍ନ କରାଯାଏ ତାହାର ଉତ୍ତର ଅବର୍ଣ୍ଣନୀୟ ।

ସୂର୍ଯ୍ୟ କାନ୍ତ ସାହୁ

